ଚୀନ ଦେଶର ଲୋକକଥା

ପ୍ରଥମ ଭାଗ

ନିକୁଞ୍ଜ କିଶୋର କାନୁନଗୋ

ଚୀନ୍‌ଦେଶର ଲୋକକଥା

ପ୍ରଥମ ଭାଗ

ନିକୁଞ୍ଜକିଶୋର କାନୁନଗୋ

ବିଦ୍ୟାପୁରୀ

Digitized by srujanika@gmail.com

ନୂତନ ମୁଦ୍ରଣ, ୧୯୮୯

ପ୍ରକାଶକ
ଶ୍ରୀ ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ଗୋସ୍ୱାମୀ ପ୍ରେସ୍
ଆଲାମଗଞ୍ଜ ବଜାର, କଟକ ୭୫୩୦୦୨

ମୂଲ୍ୟ—ଟ ୬.୦୦

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ଘାଇ ଘାଗ	୧
୨ । କୋକ-ଆଈମା’	୭
୩ । ଠକକୁ ଠେଙ୍ଗା	୧୭
୪ । କୁକୁଡ଼ା ଘବଲେ ସୂର୍ଯ୍ୟ ଉଏଁ	୨୪
୫.। ପରୋପକାରର ସୁଫଳ	୨୯

Digitized by srujanika@gmail.com

ଭାଇ ଭାଇ

ଚୀନ୍ ଦେଶର ଗୋଟିଏ ଗାଆଁରେ ଦୁଇ ଭାଇ ଥିଲେ । ବଡ଼ଭାଇର ନାଆଁ ଲି-ଚୁଙ୍ଗ୍, ସାନଭାଇର ନାଆଁ ଶିଆଙ୍ଗ୍-ଚ । ବଡ଼ଭାଇଟି ଭାରି ହିଂସୁକ ପ୍ରକୃତିର; କିନ୍ତୁ ସାନଭାଇଟି ଭାରି ସାଧାସିଧା ଲୋକ । ତା' ଠାରେ ଛଳକପଟ କିଛି ନାହିଁ ।

ପିଲାଦିନରୁ ତାଙ୍କର ବାପ ମାଆ ମରି ଯାଇଥିଲେ । ବଡ଼ ହେବାରୁ ଦୁହେଁ ଭିନ୍ନ ହୋଇଗଲେ । ବଡ଼ଭାଇ ଲି-ଚୁଙ୍ଗ୍ ଭଲ ଭଲ ଜମିତକ ବାଣ୍ଟି ନେଲା; ସାନଭାଇକୁ ସବୁତକ ପାହାଡ଼ିଆ ଅନୁର୍ବର ଜମି ଦେଇ ଠକି ଦେଲା । ହେଲେ ଶିଆଙ୍ଗ୍-ଚୁ ବଡ଼ଭାଇ ଭଳି ଅଳସୁଆ ନ ଥିଲା । ସେ ହାଡ଼ଭଙ୍ଗା ପରିଶ୍ରମ କରି ଫସଲ ଅମଳ କରିବାକୁ ଲାଗିଲା ।

ସାନଭାଇ ଗୋଟିଏ କୁକୁର ପାଳିଥାଏ । ସେହି କୁକୁରକୁ ସେ ଭାରି ଆଦର କରେ । ସେ ଡାକିଲେ କୁକୁରଟି ତା' ସାଙ୍ଗେ ସାଙ୍ଗେ ଯାଏ । ବଣକୁ କାଠ ହାଣିବାକୁ ଗଲେ କୁକୁର ତା'ର ସାଥୀ ।

ଥରେ ସାନଭାଇର ଗୋଟିଏ ବଳଦ ମରିଗଲା । ଜମି ଚଷିବାକୁ ତା'ର ଭାରି ଅସୁବିଧା ହେଲା । ଆଉ ଗୋଟିଏ ବଳଦ କିଣିବାକୁ ତା'ର ଶକ୍ତି କାହିଁ ? ବଡ଼ଭାଇକୁ ମାଗିଲେ ସେ ବଳଦ ଦେବା ତ ଦୂରର କଥା, ଦୁଆରେ ଠିଆ କରାଇ ଦେବ ନାହିଁ ।

ଶିଆଙ୍ଗ୍-ଚୁ ଦିନେ ହିଡ଼ ଉପରେ ଖୁବ୍ ଚିନ୍ତାରେ ବସିଛି, ଏତିକିବେଳେ କୁକୁରଟି ତା' ପାଖରେ ଖାଲି ଭୁକିଲା ଏବଂ ବଳଦ

Digitized by srujanika@gmail.com

ଚାଲିଲା ଭଲ ଶିଆରରେ ଚାଲିବାକୁ ଲାଗିଲା । ଶିଆଙ୍ଗ୍-ଚୁ ବୁଝିପାରିଲା, ତା'ର ପ୍ରିୟ କୁକୁରଟି ତାକୁ ହଳକାମରେ ସାହାଯ୍ୟ କରିବାକୁ ଚାହୁଁଛି ।

ସେ ତହୁଁ କୁକୁରକୁ ଗୋଟିଏ ପଟେ ଯୋଚି ହଳ ଚଳାଇଲା । କୁକୁରଟି ବଳଦ ପରି ହଳ ଟାଣିଲା ।

ଶିଆଙ୍ଗ୍-ଚୁ କୁକୁର ସାହାଯ୍ୟରେ ହଳ କରୁଥିବା ଦେଖି ତା' ବଡ଼ଭାଇ ଆଶ୍ଚର୍ଯ୍ୟ ହେଲା । ସେ ଦିନେ ସାନଭାଇକୁ କହିଲା, ତୋ କୁକୁରଟିକୁ ଟିକିଏ ମତେ ଦେଲୁ । ମୁଁ ଦିନେ ହଳ ବୁଲାଇବି । କାରଣ ମୋର ଗୋଟିଏ ବଳଦ କାଲିଠାରୁ ଅସୁସ୍ଥ । ସାନଭାଇ ଆପତ୍ତି କଲା ନାହିଁ । ବଡ଼ଭାଇ କୁକୁରକୁ ନେଇ ହଳ ବୁଲାଇଲାବେଳେ ବଡ଼ଭାଇ କୁକୁରକୁ ପାଞ୍ଚଣରେ ପିଟାପିଟି କଲା । ବେଶୀ ଜମି ଅଧିକ ସମୟ ହଳ କାମରେ ଖଟେଇ ସେ କୁକୁରକୁ ବହୁତ କଷ୍ଟ ଦେଲା । କୁକୁରଟି କଷ୍ଟ ସହି ନ ପାରି ମରିଗଲା ।

ସଞ୍ଜ ହେଲା । କୁକୁର ଘରକୁ ଫେରିଲା ନାହିଁ । ସାନଭାଇ ବଡ଼ଭାଇକୁ ପଚାରିଲା, ମୋ କୁକୁର କୁଆଡ଼େ ଗଲା ? ବଡ଼ଭାଇ କହିଲା, କେଜାଣି, ତୋ କୁକୁର କୁଆଡ଼େ ମରି ପଡ଼ିଥିବ ।

ସାନଭାଇ ଆଉ ଅଧିକ କିଛି ନ ପଚାରି, ନିଜର କୁକୁରକୁ ଖୋଜିବାକୁ ଗଲା । ଗାଁର ଚାରିଆଡ଼େ ଖୋଜି ଖୋଜି କେଉଁଠାରେ ପାଇଲା ନି । ତା'ପରେ ସେ ବଡ଼ଭାଇର ଜମି ପାଖକୁ ଗଲା । ଦେଖିଲା,

Digitized by srujanika@gmail.com

ତା'ର କୁକୁରଟି ସେଇଠି ମରି ପଡ଼ିଛି । ସେ ବହୁତ କାନ୍ଦିଲା । ମଲା କୁକୁରକୁ ଆଣି ତା'ର ବଗିଚାରେ ସମାଧି ଦେଲା ।

ସାନଭାଇ ପ୍ରତିଦିନ ସକାଳେ ସଞ୍ଜେ କୁକୁରଟିର ସମାଧି ପାଖକୁ ଯାଏ । କୁକୁର କଥା ମନେପକାଇ କାନ୍ଦେ । ଦିନେ ଦେଖିଲା, ସମାଧି ପାଖରେ ଗୋଟିଏ ସୁନାରଙ୍ଗର ବାଉଁଶ ଗଛ ଉଠିଛି । ବାଉଁଶ ଗଛଟି ଅଳ୍ପ ଦିନରେ ବଡ଼ ହୋଇଗଲା । ଦିନେ ସାନଭାଇ ସେହି ବାଉଁଶ ଗଛକୁ ହଲେଇ ନିଜ କୁକୁର ନାଆଁରେ ଗୋଟିଏ ଗୀତ ଗାଇଲା । ଆଶ୍ଚର୍ଯ୍ୟର କଥା, ସେଥିରୁ ଖାଲି ସୁନାମୋହର ଗୁଡ଼ାଏ ଝଡ଼ିବାକୁ ଲାଗିଲା । ସାନଭାଇ ସେଗୁଡ଼ିକ ତରତରରେ ଗାମୁଛାରେ ବାନ୍ଧି ଘରକୁ ଗଲା । ଏହାପରେ ନିତି ସକାଳେ ଥରେ ସଞ୍ଜେ ଥରେ ସେ ବାଉଁଶ ଗଛକୁ ହଲାଏ, ଗୀତ ବୋଲେ ଏବଂ କିଛି ସୁନାମୋହର ପାଏ ।

ବଡ଼ଭାଇ ଦିନେ ପଚାରିଲା, ହଇରେ ଚଆଙ୍ଗ୍, ତୋ ଘରେ ତ କ'ଣ ବହୁତ ସୁନାମୋହର ? ଏଗୁଡ଼ାକ ତୁ କେଉଁଠୁ ଚୋରେଇ ଆଣିଲୁ ?

ସାନଭାଇ କହିଲା, ମୁଁ କାହିଁକି ଚୋରି କରିବି ? ମୁଁ ଏସବୁ ମୋ କୁକୁର ସମାଧି ପାଖରେ ଥିବା ବାଉଁଶ ଗଛରୁ ପାଇଲି ।

—ସତ କହୁଛୁ ? ବାଉଁଶ ଗଛରେ ଆଉ ସୁନାମୋହର ଅଛି ? ବଡ଼ଭାଇ ପ୍ରଶ୍ନ କଲା ।

—ହଁ, ହଁ, ଆହୁରି ଅନେକ ଅଛି । ଅସଲକଥା ହେଲା ବାଉଁଶ ଗଛକୁ ହଲେଇ ପାରିଲେ ହେଲା । ଗୀତବୋଲି ତାକୁ ମନେଇ ପାରିଲେ ସୁନାମୋହର ଝଡ଼ିବ । ସାନଭାଇ ଉତ୍ତର ଦେଲା ।

ବଡ଼ଭାଇ ଲୋଭ ସମ୍ଭାଳି ନ ପାରି ବାଉଁଶ ଗଛ ପାଖକୁ ଧାଇଁଲା । ନିଜ ଦେହରେ ଯେତେ ଶକ୍ତି ଥିଲା ସବୁ ଖଟାଇ ବାଉଁଶ ଗଛକୁ ହଲାଇବାକୁ ଲାଗିଲା ଏବଂ ଏଣୁତେଣୁ ଗୀତ ଗାଇଲା । ବାଉଁଶ ଗଛରୁ ସୁନା ଝଡ଼ିବ କ'ଣ, ଶହ ଶହ ସିଁବାଳୁଆ ଝଡ଼ି ତା' ଦେହରେ ଲୁଟାଇ ହୋଇ ପଡ଼ିଲେ । ଫଳରେ ତା ଦେହ ମୁଣ୍ଡ କୁଣ୍ଡାଇ ହେଲା ଓ ସେ ଯନ୍ତ୍ରଣାରେ ଛଟପଟ ହୋଇ ଭୂଇଁରେ ଗଡ଼ିଲା । ଏହାପରେ ସେ

Digitized by srujanika@gmail.com

ରାଗରେ ଗୋଟିଏ କଟୁରି ଆଣି ବାଉଁଶ ଗଛକୁ ମୂଳରୁ ହାଣି ପକାଇଲା ।

ସଞ୍ଜବେଳେ ସାନଭାଇ କୁକୁର ସମାଧି ପାଖକୁ ଯାଇ ଦେଖିଲା, ବାଉଁଶ ଗଛଟିଏ କିଏ ହାଣି ପକାଇଛି । ସେ ଦୁଃଖରେ କାନ୍ଦିଲା । ସେ ଜାଣିଲା, ଏସବୁ ହେଉଛି ତା' ବଡ଼ଭାଇର କାମ ।

ସାନଭାଇ ସେ କଟା ବାଉଁଶକୁ ଆଣିଲା । ତାକୁ ଚିରି ସେଥିରୁ ପାତିଆ ବାହାର କଲା । ସେଥିରେ ଗୋଟିଏ ଖୁବ୍ ବଡ଼ କୁକୁଡ଼ା-ଝୁଡ଼ି (ଝୁଡ଼ି) ତିଆରି କଲା । ସେଇଟିକୁ ଆସନ୍ତା ହାଟପାଳିରେ ବିକିଦେବ ବୋଲି ନିଜ ବାଡ଼ିକୋଣରେ ରଖିଦେଲା ।

ଆଚମ୍ବିତ କଥା, ସେ ଗାଁ ପାଖ ବଣରେ ଯେତେ କୁକୁଡ଼ା ଥିଲେ, ସମସ୍ତେ ଆସି ସେହି ଝୁଡ଼ିରେ ଅଣ୍ଡାଦେଇ ଚାଲିଗଲେ । ସାନଭାଇ ସେଦିନ ବହୁତଗୁଡ଼ିଏ ଅଣ୍ଡା ପାଇ ଖୁସିରେ ନାଚିଲା । ତା'ପରେ ସେ ହାଟକୁ ଯାଇ ଅଣ୍ଡାଗୁଡ଼ିକ ବିକିଦେଲା ।

ବଡ଼ଭାଇ ଏକଥା ଶୁଣି କହିଲା, କିରେ, ଏତେଗୁଡ଼ିଏ ଅଣ୍ଡା କେଉଁଠୁ ଚୋରିକରି ଆଣିଲୁ ?

ସାନଭାଇ କହିଲା, ମୁଁ କାହିଁକି ଚୋରି କରିବି ? କୁକୁଡ଼ାମାନେ ମନକୁ ଆସି ମୋ ଝୁଡ଼ିରେ ଅଣ୍ଡା ଦେଇଗଲେ ।

ଅଳସୁଆ ବଡ଼ଭାଇର ଲୋଭ ହେଲା । ସେ କହିଲା, ଆରେ ମୁଁ ତୋର ବଡ଼ଭାଇ । ମୁଁ ହାଇରାଣରେ ପଡ଼ିଛି । ମତେ ସେ କୁକୁଡ଼ା-ଝୁଡ଼ିଟା ଦିନକ ପାଇଁ ଦେ । ସାନଭାଇ ମନରେ ଦୟା ହେଲା । ସେ ବଡ଼ଭାଇକୁ ଦିନକ ପାଇଁ କୁକୁଡ଼ା-ଝୁଡ଼ିଟି ଦେଲା ।

ବଡ଼ଭାଇ ଝୁଡ଼ିଟି ନେଇ ନିଜ ଘରକଣରେ ରଖିଲା । ସଙ୍ଗେ ସଙ୍ଗେ ବହୁତ କୁକୁଡ଼ା ଆସି ସେ ଝୁଡ଼ିତଳେ ଠୁଳ ହେଲେ । କିଛି ସମୟ ପରେ ବଡ଼ଭାଇ ଯାଇ ଝୁଡ଼ିତଳେ ହାତ-ପୂରାଇ ଡିମ୍ବ-ଅଣ୍ଡା ଖୋଜିଲା । କିନ୍ତୁ ତା ଭିତରେ ଗୋଟିଏ ହେଲେ ଡିମ୍ବ ନ ଥିଲା । ଖାଲି କୁକୁଡ଼ା ମଇଳା ବଡ଼ଭାଇ ହାତରେ ସେଗୁଡ଼ାକ ବାଲୁବାଲୁ ହୋଇ ଲାଗିଗଲା । ସେ ରାଗରେ

Digitized by srujanika@gmail.com

କୁକୁଡ଼ାମାନଙ୍କୁ ଧରି ପିଟିବାକୁ ଧାଇଁଲା । କିନ୍ତୁ ସେମାନେ ଖଣ୍ଡିଉଡ଼ା ଦେଇ କାଏ କୁଆଡ଼େ ପଳେଇଲେ । ସେ ରାଗରେ ଜଳିଉଠିଲା । ପଥରରେ ଛେଚି ଛେଚି କୁକୁଡ଼ା-ଝୁଡ଼ିକୁ ଭାଙ୍ଗି ପକାଇଲା । ତା'ପରେ ନିଆଁ ଲଗାଇ ଭଙ୍ଗା ଝୁଡ଼ିକୁ ପୋଡ଼ି ପକାଇଲା । ସାନଭାଇ ଏକଥା ଦେଖି ବହୁତ ଦୁଃଖିତ ହେଲା । ସେ କାଠ କାଠ ପାଉଁଶତକ ଗୋଟେଇ କରି ଘରକୁ ନେଲା । ସେଗୁଡ଼ିକ ନେଇ ନିଜର ଏକ ପାହାଡ଼ତଳ ଜମିରେ ପକାଇଦେଲା । ସେହି ଜମିରେ ଗୋଟିଏ ଲାଉମଞ୍ଜି ପୋତିଲା । ମଞ୍ଜି ଗଛ ହେଲା । ଲାଉଡଙ୍କ ଲଟେଇଲା । ସେଥିରେ ଫୁଲ ଫୁଟିଲା । କିଛିଦିନ

ପରେ ଭାରି ବଡ଼ ବଡ଼ ଲାଉ ଫଳିଲା । ତାକୁ ଦେଖି ଗାଁ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ଏତେ ବଡ଼ ବଡ଼ ଲାଉ ଆଗରୁ କେହି କେବେ ଦେଖି ନ ଥିଲେ । ସାନଭାଇ ମଞ୍ଚାବାନ୍ଧି ଲାଉଗୁଡ଼ିକ ରଖି ଦେଇଥାଏ ।

ରାତି ସମୟରେ ସ୍ୱର୍ଗରୁ ଦେବୀମାନେ ଆସନ୍ତି, ଏହି ବଡ଼ ବଡ଼ କୌତୁକିଆ ଲାଉ ଦେଖିବାକୁ । ଗଲାବେଳେ ଗୋଟିଏ ଲେଖାଏଁ ସୁନାଦୀପ ଛାଡ଼ିଦେଇ ଯାଆନ୍ତି । ସକାଳେ ସାନଭାଇ ଚାଉଳ-ଚ ସୁନାଦୀପଗୁଡ଼ିକ ଗୋଟାଇ ଆଣେ ।

Digitized by srujanika@gmail.com

ବଡ଼ଭାଇ ଲି-ଚୁଙ୍ଗ୍ ଏକଥା ଜାଣିଲା । ଦିନେ ସଞ୍ଜବେଳେ ସେ ଯାଇ ଲାଉମଞ୍ଚା ଉପରେ ଲୁଚିକରି ବସିଲା । ମନେ ମନେ ଭାବିଲା, ପକ୍ଷୀମାନେ ଆସିଲେ ତା'କୁ ବହୁତଗୁଡ଼ିଏ ସୁନାଖାପ ମିଳିଯିବ ।

ଦୁର୍ଯୋଗକୁ ସେଦିନ ରାତିରେ ଦଳେ ମାଙ୍କଡ଼ ଆସିଲେ । ବଡ଼ଭାଇ ଲାଉଗୁଡ଼ିକ ଭିତରେ ଲୁଚି ବସିଥାଏ । ସେମାନେ କେତେଟା ଲାଉ ସାଙ୍ଗରେ ବଡ଼ଭାଇକୁ ମଧ୍ୟ ଲାଉ ବୋଲି ଭାବି ଟେକିନେଲେ । ବଡ଼ଭାଇ ଭୟରେ ଚିତ୍କାର କରିବାକୁ ଲାଗିଲା । ମାଙ୍କଡ଼ମାନେ କିଛି ନ ଶୁଣି ତାକୁ ଘୋଷାଡ଼ି ଘୋଷାଡ଼ି ନେଲେ । ସେମାନେ ତାକୁ ନେଇ ପାହାଡ଼ ଉପରୁ ତଳକୁ ଗଡ଼ାଇ ଦେଲେ ।

ବଡ଼ଭାଇ ଲି-ଚଙ୍ଗ୍ ପାହାଡ଼ ଉପରୁ ଗଡ଼ି ଗଡ଼ି ଆସି ତଳେ ପଡ଼ି ଲହୁଲୁହାଣ ହୋଇ ମରିଗଲା । ସକାଳେ ଲୋକମାନେ ଦେଖିଲେ, ସେ ମରି ପଡ଼ିଛି ।

ସାନଭାଇ ଚିଆଙ୍ଗ୍-ଚୁ ବହୁତ କାନ୍ଦିଲା । ଭାଇ ପାଇଁ ଶୁଦ୍ଧି ହେଲା । ଯିଏ ଦୁଷ୍ଟ, ତାକୁ ଭଗବାନ ଦଣ୍ଡ ଦିଅନ୍ତି ।

Digitized by srujanika@gmail.com

କୋକି-ଆଈମା'

ବହୁଦିନ ତଳର କଥା । ଚୀନ୍ ଦେଶର ଏକ ଗାଁରେ ବିଧବା ସ୍ତ୍ରୀଟିଏ ଥିଲା । ତା'ର ତିନୋଟି ପିଲା । ବଡ଼ଟି ଝିଅ । ସାନ ଦୁଇଟି ପୁଅ । ଝିଅର ନାଆଁ ସେଙ୍ଗ୍ । ପୁଅ ଦୁହିଁଙ୍କ ନାମ ଚାଓ ଓ ପୋଶ । ଟିକିପିଲା ତିନୋଟି । ସାନପୁଅ ପୋଶକୁ ତିନି ବର୍ଷ । ଚାଓକୁ ପାଞ୍ଚ ବର୍ଷ । ଝିଅ ସେଙ୍ଗ୍‌ର ବୟସ ସାତ ବର୍ଷ । ସାନ ସାନ ପିଲାଙ୍କୁ ଛାଡ଼ି ମା' କୁଆଡ଼େ କେବେ ଘରୁ ଯାଆନ୍ତିନି । ପିଲାମାନଙ୍କ ମାମୁଁଘର ଦୂର ଗାଁରେ । ସେଦିନ ଆଈମା'ଙ୍କ ଜନ୍ମଦିନ । ମା'ଙ୍କର ମନହେଲା ବାପଘରକୁ



ଯିବାକୁ । ସେ ପିଲାମାନଙ୍କୁ ଖୁଆଇ ପିଆଇ ସାରି କହିଲେ, ମୁଁ ତୁମ ମାମୁଁଘରକୁ ଯାଉଛି । ଆଈ ମା'ଙ୍କୁ ଦେଖି ଆସିବି । ଆଜି ରାତିକି

Digitized by srujanika@gmail.com

ସେଠାରେ ରହିବ । ତୁମେମାନେ କବାଟ କିଳି ଶୋଇପଡ଼ିବ । କବାଟ ଆଦୌ ଫିଟାଇବ ନାହିଁ । ସଞ୍ଜହେଲେ ଆଲୁଅ ଲଗେଇବ ।

ଝିଅଟି ବୟସରେ ବଡ଼ । ଖୁବ୍ ଚାଲାକ । ସେ ସେଙ୍ଗ୍‌କୁ କହିଲେ, ଝିଅ, ହୁସିଆର ଥିବୁ । ଯାହା ଯାହା କହିଲି ସେମିତି କାମ କରିବୁ । ଏହା କହି ମା' ନିଜ ବାପଘରକୁ ଚାଲିଗଲେ ।

ମା' ପିଲାମାନଙ୍କୁ ଏକଥା କହିଲାବେଳେ ପାଖ ବଣବୁଦାରେ ଥିବା ଗୋଟିଏ ବୁଢ଼ୀ-କୋକଶିଆଳି ଏ କଥା ଶୁଣୁଥିଲା ।

ରାତି ହେଲାରୁ କୋକଶିଆଳି ଆଈମା'ର ଛଦ୍ମବେଶରେ ଆସିଲା । କବାଟ ଠକ୍ ଠକ୍ କଲା ।

କିଏ ? କିଏ କବାଟ ଖଡ଼ ଖଡ଼ କରୁଛ ? ସେଙ୍ଗ୍ ପଚାରିଲା ।

ସେଙ୍ଗ୍, ତାଓ, ପୋଚ ! ମୋ କୁନି କୁନି ନାତି ନାତୁଣୀ । ମୁଁ ତୁମମାନଙ୍କର ଆଈମା' ।

ଆଈମା' ? ମା' ତୁମକୁ ଦେଖିବାକୁ ତୁମ ଗାଁକୁ ଯାଇଛି । ସେଙ୍ଗ୍ କହିଲା ।

ମତେ ଦେଖିବାକୁ ? ତା'ହେଲେ ମୁଁ ଯେଉଁ ବାଟରେ ଆସିଲି, ସେହି ବାଟରେ ସେ ଯାଇନି । କୋକି କହିଲା ।

ଆଈ, ତୁମେ କାହିଁକି ରାତିରେ ଆସିଲ ? ଦିନରେ ଆସିଲନି ? ସେଙ୍ଗ୍ ପଚାରିଲା ।

ବହୁ ଦୂର ବାଟ । ଆଜିକାଲି ଶୀତଦିନ । ଦିନ ଛୋଟ । ମୁଁ ଏଠି ପହଞ୍ଚୁ ପହଞ୍ଚୁ ରାତି ହୋଇଗଲା । କୋକି ଉତ୍ତର ଦେଲା ।

ସେଙ୍ଗ୍‌କୁ ଆଈମା' ସ୍ୱର କେମିତି କେମିତି ଶୁଭିଲା । ଆଈମା' ସ୍ୱର ପରି ଲାଗିଲାନି । ସେ କହିଲା, ଆଈମା', ତୁମ ସ୍ୱର କାହିଁକି ଅଲଗା ଅଲଗା ଜଣାପଡୁଛି ?

ଆରେ ପିଲାଏ, ଭାରି ଥଣ୍ଡା ପଡ଼ୁଛି । ମୋ ତଣ୍ଟି ଚଢ଼ିଯାଇଛି । ଶୀତରେ ନାକ ବୁଜି ହୋଇଯାଉଛି । ମୁଁ ଭଲଭାବରେ କଥା କହି ପାରୁନି । କୋକି ଛଳନା କରି କହିଲା ।

Digitized by srujanika@gmail.com

ସେଙ୍ଗ୍ ଘର ଗୃହକ ପିଲା । ସେ ଦୋ-ଦୋ ପାଞ୍ଚ ହୋଇ କବାଟ ଖୋଲିବାକୁ ଡେରିକଲା ।

କୋକ ପୁଣି କହିଲା, ଆରେ ପିଲାମାନେ ! ଘନ ଅନ୍ଧାର । ଶୀତଦିନ । ବାହାରେ ପ୍ରବଳ ଥଣ୍ଡା ପବନ । ଦେହ କୋଲମାରି ଯାଉଛି । ଚଞ୍ଚଳ କବାଟ ଖୋଲ ।

ସେଙ୍ଗ୍ ଘର ବୁଢ଼ିଆ । ତଥାପି ସେ ଆଈମା’ ବୋଲି ବିଶ୍ବାସ କରିପାରୁ ନ ଥିଲା । ମା’ ପୁଣି ଚାଗିଦା କରି ଯାଇଛନ୍ତି କବାଟ ଆଦୌ ଖୋଲିବୁନ । ସେତେବେଳକୁ ଚାଓ ଓ ପୋଚ ସାନପିଲା ଦିଓଟି ଆଈମା’କୁ ଦେଖିବାକୁ ଅଧୀର ହୋଇ ପଡ଼ିଲେଣି । ପୋଚ ଝିଞ୍ଜିରି ଖୋଲିଦେଲା ଓ ଚାଓ ଦ୍ଵାର ଖୋଲିଦେଲା ।

କୋକ-ଆଈମା’ ଘର ଭିତରେ ପଶୁ ପଶୁ ଆଗଭୁଗ ଆଲୁଅକୁ ଫୁଙ୍କି ଲିଭାଇଦେଲା ।

ଆଈ, ଆଲୁଅ କାହିଁକି ଲିଭାଇଲ ? ଆମର ଆଲୁଅ ଦରକାର, ସେଙ୍ଗ୍ କହିଲା । ତା’ପରେ ଅନ୍ଧାରରେ ଚୌକିଟା ଆଈଙ୍କ ପାଖକୁ ଠେଲିଦେଇ ସେ କହିଲା, ଆଈମା’ ଚୌକିରେ ବସ ।

କୋକ ଚୌକିରେ ବସୁ ବସୁ ପଡ଼ିଗଲା । ତା’ର ଲାଞ୍ଜରେ ଆଘାତ ଲାଗିଲା । ତାକୁ କାଟିଲା । ସେ ଭୁକିଲା ।

କ’ଣ ହେଲା ଆଈ ? ସେଙ୍ଗ୍ ପଚାରିଲା ।

ନାଇଁଲୋ ମା’, ମୋ ପିଠିରେ ବଥଟିଏ ହୋଇଚ । ମୁଁ ଚୌକିରେ ବସିଲେ କାଟୁଚି । ଏଇ ଟୋକେଇରେ ବସୁଚ । ଏହା କହି ଘର ଚଟାଣରେ ଥିବା ଗୋଟିଏ ଟୋକେଇରେ କୋକ ବସି ପଡ଼ିଲା । ତା ଲାଞ୍ଜଟି ଟୋକେଇ କଡ଼ରେ ବାଜି ଶବ୍ଦ ହେଲା ।

ସେଙ୍ଗ୍ କହିଲା, ଆରେ ଟୋକେଇରେ କ’ଣ ଗୋଟାଏ ହଲଚଲ ହେଉଚ ?

ସେଇଟା କୁକୁଡ଼ାଟାଏ । ତମମାନଙ୍କ ପାଇଁ ଆଣିଚ । କୋକ-ଆଈମା’ କହିଲା ।

Digitized by srujanika@gmail.com

ସେଙ୍ଗ୍ କୁକୁଡ଼ାକୁ ଧରିବାକୁ କୋକର ଲାଞ୍ଜ ପାଖକୁ ହାତ ବଢ଼ାଇବାରୁ କୋକ କହିଲା, ଥାଉ, ଥାଉ, ତାକୁ ଛୁଅଁ ନା। କୁକୁଡ଼ା ଉଡ଼ି ପଳେଇବ।

ଚାଓ ଓ ପୋଚ ଆଈମା' ପାଖକୁ ଯାଇ ଅଳିକଲେ, ଆଈ! ଆମକୁ କାଖ କର।

କି ସୁନ୍ଦର ମୋ ନାତି ଦୁଇଟି! ଏତେ କୌତୁକିଆ! ଆଃ; ଲହୁଣି ଭଳି ନରମ! ପାଚିଲା କମଳା ପରି ଲାଲ ଗୁଲୁଗୁଲୁ। ଚାଓ ଓ ପୋଚକୁ ଗେଲକରି କୋକ କହିଲା। କୋକ-ଆଈମା' କଥାରୁ ସମସ୍ତ ନାତି ନାତୁଣୀ ମେଳରେ ଖୁସିଗପ, ଥଟ୍ଟାତାମସା ଚାଲି। ତା'ପରେ ସେ କହିଲା, ଆରେ ପିଲେ, ଶୋଇବାବେଳ ହେଲାଣି, ଚାଲ ଶୋଇବା।

କୋକଶିଆଳ ସବା ସାନପିଲା ପୋଚକୁ ନିଜ କୋଳରେ ଜାକି ଶୋଇଲା। ସେଙ୍ଗ୍ ଓ ଚାଓ ଏକାଠି ଲଗାଲଗି ହୋଇ ଶୋଇଲେ। ଖଟର ଗୋଟିଏ କଡ଼କୁ କୋକ ଓ ପୋଚ ଶୋଇଲେ। ଅନ୍ୟ କଡ଼କୁ ଚାଓ ଓ ସେଙ୍ଗ୍ ଭାଇଭଉଣୀ ଶୋଇଲେ। ସେଙ୍ଗ୍ ମନରେ ଆଈ ପ୍ରତି ସନ୍ଦେହ। ସତରେ କ'ଣ ଏ ଆମ ଆଈ? ସେ ନିଜ ଗୋଡ଼ ଆଈ ଆଡ଼କୁ ଲମ୍ବାଇଦେଲା। କୋକଶିଆଳ ଲାଞ୍ଜରେ ତା' ଗୋଡ଼ ବାଜିଲା। ତହୁଁ ସେଙ୍ଗ୍ କହିଲା, ଆଈମା', ତୁମ ଦେହରେ କ'ଣ ଲୋମ ଗୋଛାଏ?

କୋକ କହିଲା—

> କାହିଁ ମୁଁ ଜାଣି
> ନାହୁଁ କି ଜାଣି?
> ସେଥିଲାଗି ପରା ଆସିଛି ମୁହିଁ
> ସାଥିରେ ମୋଟ କେତେ ଆଣି।

ତା'ପରେ ସେଙ୍ଗ୍ ତା'ର ହାତ ଛୁଟି ଆଈ ଦେହରେ ବଜାଇ-ବାରୁ କୋକର ମୁନିଆ ନଖରେ ବାଜିଗଲା। ତହୁଁ ସେ କହିଲା, ଆଈ, ଆଈ, ତୁମ ପାଦରେ କ'ଣ କଣ୍ଟା?

Digitized by srujanika@gmail.com

କୋକ-ଆଈମା' କହିଲା—

ମୋର ନାତୁଣୀ ନାହିଁ କି ଜାଣି ?
ଆଈ ମା' କରେ ଜୋଚା ସିଲେଇ
ଚହିଁକି ସଦା ପାଖରେ ତା'ର
ରଖିଛି ଏଇ କଣ୍ଠା ନଡ଼ହୁଣୀ
କାମ ଯା'ର ମୋଚର ଫୋଡ଼ଣୀ ।

ପିଲା ହେଲେ କ'ଣ ହେଲା, ସେଙ୍ଗ୍ ଭାରି ଚତୁର । ଆଈମା'କୁ ଭଲକରି ଦେଖିବାକୁ ତା' ମନ ଉଚ୍ଛନ୍ନ ହେଲା । ଚଟ୍‌କରି ସେ ବଚ୍ଛଣାରୁ ଉଠିପଡ଼ି ଆଲୁଅଟା ଲଗାଇଦେଲା । ଆଲୁଅରେ ଦେଖିଲା, ଆଈମା'ର ଦେହସାରା ଲୋମରେ ଭରା । ଏପରିକି ମୁହଁରେ ମଧ୍ୟ ଲୋମ । ଆଲୁଅରେ କୋକ ଚମକି ପଡ଼ି ସଙ୍ଗେ ସଙ୍ଗେ ଫୁଙ୍କି ଆଲୁଅ ଲିଭାଇଦେଲା । ସେଙ୍ଗ୍ କିନ୍ତୁ ଜାଣିପାରିଲା ଏ ତାଙ୍କର ପ୍ରକୃତ ଆଈମା' ନୁହେଁ । ଆଉ ଗୋଟାଏ କିଏ । ଅସୁରୁଣୀ ବୁଢ଼ୀ କି କ'ଣ ଗୋଟାଏ ଜନ୍ତୁ ? ସେଙ୍ଗ୍‌କୁ ଡର ଲାଗିଲା । କିନ୍ତୁ ସେଙ୍ଗ୍ ବୋଲି ଝିଅଟି ଯେମିତି ବୁଦ୍ଧିଆକ୍ ଚତୁର ସେମିତି ସାହସୀ । କିମିତି ନଜର ଠିକ ଠିକ ରଖି ଦୁହିଁଙ୍କୁ ସଙ୍ଗରେ ନେଇ ଘରୁ ଛଦ୍ମବେଶୀ ଆଈମା' ପାଖରୁ ପଳେଇବ ସେଇ ଚିନ୍ତା କଲା । ତା' ମନକୁ ବେଶ୍ ଉପାୟଟାଏ ମିଳିଗଲା ।

କିଛି ସମୟ ପରେ ସେଙ୍ଗ୍ ଉଠିପଡ଼ି ଆଈମା' କୋଳରୁ ପୋଚକୁ ଧରି କହିଲା, ଆଈ, ପୋଚ ପରିସ୍ରା କରିବ ବୋଲି କହୁଚି ।

ହଉ, ଏଇ ଖଟତଳେ ମୁତି ଦେଉ । କୋକ କହିଲା ।

ଛି, ଅସନା କଥା । ଘରେ ସବୁ ଠାକୁରଙ୍କ ଫଟୋ ଅଛି ! ଖଟ ତଳେ କେମିତି ମୁତିବ ? ସେଙ୍ଗ୍ କହିଲା ।

କୋକ କହିଲା, ତା'ହେଲେ ଏଇ ଝରକାବାଟେ ମୁତି ଦେଉ ।

ଝରକାବାଟେ ପବନ ଆସୁଛି । ଗନ୍ଧ ହେବ । ଛି ଆଈ, କି ଅପରିଷ୍କାର କଥା କହୁଛ ? ସେଙ୍ଗ୍ କହିଲା ।

Digitized by srujanika@gmail.com

ଦ୍ୱାର ପାଖରେ ପରସ୍ତ୍ରା କରଦେଉ । କୋକ କହିଲା ।

ଦ୍ୱାରବାଟେ ଯିବାଆସିବା ବାଟ । ଗନ୍ଧ ହେବ । ଆଈମା' ତୁମେ ଭାରି ଅପରିଷ୍କାର । କେମିତିକା କଥା ଯେ କହୁଚ ? ସେଙ୍ଗ୍ ଉତ୍ତର ଦେଲା ।

ହଉ ଲୋ ସୁଭୁସ ନାତୁଣୀ ମୋର, ତାକୁ ନେଇ ବାହାରେ ମୂତେଇ ଆଣ । କୋକ-ଆଈମା' କହିଲା ।

ସେଙ୍ଗ୍ ଖୁସି ହୋଇଗଲା । ତାଓକୁ ହଲେଇ ଦେଇ କହିଲା; ତାଓ, ତାଓ, ଉଠ୍ ଉଠ୍, ପୋଡକୁ ବାହାରେ ମୂତେଇ ଆଣିଲୁ ।

ତାଓ ନିଦରୁ ଉଠିଲା । ପୋଡକୁ ନେଇ ଦ୍ୱାର ଖୋଲି ବାହାରକୁ ଗଲା ।

ଆଈମା', ଆଈମା' ତୁମେ ଫାର୍ଣାକୋଳି ଖାଇଚ ? ସେଙ୍ଗ୍ ପଚାରିଲା ।

ମୁଁ ବରକୋଳି, ଜାମୁକୋଳି, ନରକୋଳି ଓ ପିଜୁଳି ଆଦି କେତେ କେତେ ଫଳ ଖାଇଚି; କିନ୍ତୁ ଫାର୍ଣାକୋଳି ଖାଇନି । ଫାର୍ଣା-କୋଳି କମିତିକା ? ମୁଁ କେବେ ଖାଇନି । କୋକ-ବୁଢ଼ୀମା' କହିଲା ।

ଆଃ; ଫାର୍ଣାକୋଳି ଖାଇବାକୁ କି ମିଠା ! କି ଚମତ୍କାର ! ଖାଇଲେ ତୁମେ ସରଗପରି ପରି ସୁନ୍ଦର ହେବ । ଅମର ହୋଇ ସବୁଦିନ ବଞ୍ଚି ରହିବ, ସେଙ୍ଗ୍ କହିଲା ।

କୋକ ପଚାରିଲା, ନାତୁଣୀ ! ଫାର୍ଣାକୋଳି କେଉଁଠୁ ମିଳିବ ?

ସେଙ୍ଗ୍ ଉତ୍ତର ଦେଲା, ଫାର୍ଣାକୋଳି ଗଛରେ ଫଳେ ।

ମୁଁ ତ ବୁଢ଼ୀ ହେଲି । ମୋର ଆଉ ବଳ ବଦ୍ଧପ କାହିଁ ଯେ ଗଛ ଚଢ଼ିବି ? କୋକ-ଆଈମା' କହିଲା ।

ସେଙ୍ଗ୍ କହିଲା—ଆଈମା', ମୁଁ ତୁମପାଇଁ କିଛି ଫାର୍ଣାକୋଳି ତୋଳି ଆଣିବି ?

Digitized by srujanika@gmail.com

ମୋ ସୁନା ନାତୁଣୀଟା ! ଗଲୁ, ଗଲୁ, ଜଲଦି ମୋ ପାଇଁ କିଛି ଫାର୍ଣାକୋଳି ତୋଳି ଆଣିବୁ । କୋକ-ବୁଢ଼ୀମା’ କହିଲା ।

ସଙ୍ଗେ ସଙ୍ଗେ ସେଙ୍ଗ୍ ଖୁସିରେ ଖଟ ଉପରୁ ତଳକୁ କୁଦି ପଡ଼ିଲା ।

ବାହାରକୁ ଯାଇ ସେ, ତାଓ ଓ ପୋଚ କାନରେ ଭୁନ ଭୁନ ସବୁ କହିଲା । ତିନିହେଁ ସାଙ୍ଗ ହୋଇ ତାଙ୍କ ବାଡ଼ିରେ ଥିବା ଏକ ବଡ଼ ଫାର୍ଣାକୋଳି ଗଛରେ ଚଢ଼ି ଉଚ୍ଚ ଡାଳରେ ବସିଲେ । ସେଙ୍ଗ୍ ଓ ତାଓକୁ ଗଛଚଢ଼ା ଆସେ । ଏହି ଫାର୍ଣାକୋଳି ଗଛରେ ପିଲାଦିନୁ ଚଢ଼ି ଚଢ଼ି ସେମାନଙ୍କର ଅଭ୍ୟାସ । ପୋଚ ସାନ ପିଲା । ସେ ଟିକେ ଟିକେ ଗଛଚଢ଼ା ଶିଖୁଛି । ତେଣୁ ପ୍ରଥମେ ସେଙ୍ଗ୍ ତାଙ୍କ ଘରୁ ସିଡ଼ିଟିଏ ଆଣି

ସିଡ଼ିରେ ଚଢ଼ାଇ ପୋଚକୁ ଫାର୍ଣାକୋଳି ଗଛ ଡାଳ ଉପରକୁ ପଠାଇଲା । ତା’ପରେ ତାଓ ମଧ୍ୟ ସିଡ଼ିରେ ଗଛ ଚଢ଼ିଗଲା । ଦୁଇ ଭାଇ ଗଛ ଡାଳରେ ବସିଲେ । ସେଙ୍ଗ୍ ସିଡ଼ିଟି ନେଇ ଘରେ ଏକ ସୁବିଧା ଜାଗାରେ ଲୁଚାଇ

Digitized by srujanika@gmail.com

ରଖିଲା । ତା'ପରେ ସେ ନିଜେ ଗଛ ଚଢ଼ି ସେମାନଙ୍କ ପାଖରେ ଉଚ୍ଚ ଡାଳରେ ବସିଲା ।

କୋକଶିଆଳ ଏକୁଟିଆ ଘରେ ଶୋଇ ରହିଲା । ବହୁତ ସମୟ ଅପେକ୍ଷା କଲାପରେ ପୋଚ କମ୍ବା ଚାଓ ପରସ୍ତା କରି ଫେରିଲେନି । ସେଙ୍ଗ୍ ମଧ୍ୟ ଫାର୍ଣ୍ଣୀକୋଳି ତୋଳି ଫେରିଲାନି । କୋକ ବ୍ୟସ୍ତ ହେଲା । ସେ ବାହାରକୁ ଦୌଡ଼ିଲା । ସେ ଡାକ ଛାଡ଼ିଲା, ସେଙ୍ଗ୍, ଚାଓ, ପୋଚ ! କୁଆଡ଼େ ଗଲ ?

ଆମେ ଏଇଠି ଗଛ ଉପରେ ରହି ଫାର୍ଣ୍ଣୀକୋଳି ଖାଉଚୁ । ସେଙ୍ଗ୍ ବଡ଼ପାଟିରେ ଉତ୍ତର ଦେଲା ।

କୋକ କହିଲା, ·ମୋ ସୁନା ନାତୁଣୀ, ମତେ କିଛି ଫାର୍ଣ୍ଣୀକୋଳି ଚାଖିବାକୁ ଦେ ।

ସେଙ୍ଗ୍ ଛଳନା କରି କହିଲା, ଆଈ, ଫାର୍ଣ୍ଣୀକୋଳି ଏକପ୍ରକାର କୁହୁକ ଫଳ । ଗଛରେ ଥାଇ ଏ କୋଳି ଖାଇଲେ ଭଲ । ଗଛରୁ ତୋଳି ବାହାରକୁ ନେଇଗଲେ ଏହାର ରୂପ ବଦଳିଯିବ । ତୁମେ ଗଛରେ ଚଢ଼ି ଫାର୍ଣ୍ଣୀକୋଳି ଖାଅ, ନଚେତ୍ ଏ କୋଳି ଖାଇବା ଆଶା ଛାଡ଼ ।

କୋକ ଫାର୍ଣ୍ଣୀକୋଳି ଲୋଭରେ ଗଛ ଚାରିପଟେ ବୁଲିଲା । ପାଟିରୁ ତା'ର ଲାଳ ବୋହିଲା । ଅତି ବିକଳ ହେଲା କୋକ-ଆତ୍ମା' ।

କିଛି ସମୟ ପରେ ସେଙ୍ଗ୍ କହିଲା, ଆଈ, ଆଈ, ଗୋଟାଏ ଉପାୟ ଅଛି ।

କୋକ କହିଲା, କି ଉପାୟ ?

ଆମ ଗୁହାଳପୋଛା ଅଧାଛିଣ୍ଡା ଟୋକେଇଟିଏ ପିଣ୍ଡାରେ ଥୁଆ ହୋଇଛି । ତା' ପାଖରେ କୂଅ ଦଉଡ଼ି ଦୁଇଟି ମଧ୍ୟ ଅଛି । ତୁମେ ଯାଇ ସେ ଟୋକେଇ ଓ ଦଉଡ଼ି ଦୁଇଟି ଆଣ । ତୁମେ ସେହି ଟୋକେଇରେ ବସିବ । ଦଉଡ଼ି ଦୁଇଟିର ଗୋଟିଏ ପଟ ଟୋକେଇରେ ଶିକାପରି ବାନ୍ଧିଦେବ । ଦଉଡ଼ି ଦୁଇଟିର ଆରପଟ ଉପରକୁ ଫୋପାଡ଼ିଲେ ଆମେ ଗଛରେ ଥାଇ ଦଉଡ଼ି ଦୁଇଟିକୁ ଧରିନେବୁ । ତା'ପରେ ଦଉଡ଼ିକୁ ଟାଣି

Digitized by srujanika@gmail.com

ଟାଣି ଦଉଡ଼ି ସାହାଯ୍ୟରେ ଟୋକେଇ ସହିତ ତୁମକୁ ଗଛ ଉପରକୁ ଟେକି ଆଣିବୁ । ସେଙ୍ଗ୍ କହିଲା ।

ମୋ ବୁଦ୍ଧିଆ ନାତୁଣୀ ! ଚମତ୍କାର ଉପାୟ ! ମୁଁ ସାଥେ ସାଥେ ଟୋକେଇ ଓ ଦଉଡ଼ି ଆଣୁଚି । ଏହା କହି କୋକ ଟୋକେଇ ଓ ଦଉଡ଼ି ଆଣିବାକୁ ଗଲା । ଟୋକେଇ ଦଉଡ଼ି ଆଣି ସେଙ୍ଗ୍ କହିବା ମୁତାବକ କାମ କଲା । ଦଉଡ଼ି ଦୁଇଟି ଏକ ପାଖ ଟୋକେଇରେ ଶିକାପରି ବାନ୍ଧିସାରି ଅନ୍ୟ ପଟ ଉପରକୁ ଫିଙ୍ଗିଲା । ସେଙ୍ଗ୍ ଦଉଡ଼ି ଦୁଇଟି ଧରି କୋକ-ଆଈମା'କୁ ଟୋକେଇ ସହ ଉପରକୁ ଉଠାଇବାକୁ ଦଉଡ଼ି ଟାଣିଲା । ଟୋକେଇ ସହ କୋକ ଅଧା ଉଚ ଉଠିଲା ବେଳକୁ ସେଙ୍ଗ୍ ଜାଣି ଜାଣି ଦଉଡ଼ି ହାତରୁ ଛାଡ଼ିଦେଲା । ତା'ପରେ ସେ ପାଟିକରି କହିଲା, ଆଈ, ଆଈ, ତୁମର କ'ଣ ହେଲା ? ଆଘାତ ଲାଗିଲା କି ? ଚାଓ କହିଲା, ଆଈମା' ଦଉଡ଼ି ଉପରକୁ ଫିଙ୍ଗ । ଏଥର ଭଉଣୀ ସେଙ୍ଗ୍‌କୁ ମୁଁ ଦଉଡ଼ି ଟାଣିବାରେ ସାହାଯ୍ୟ କରିବି ।

କୋକ-ଆଈମା' କାନ୍ଦ କାନ୍ଦ ହୋଇ କହିଲା, ମୋ ଗୋଡ଼ ଭାଙ୍ଗିଗଲା ଲୋ ସେଙ୍ଗ୍ ! ଚାଓ, ମୋ ଅଣ୍ଟା ଜଖମ ହେଲା ରେ !

ସେଙ୍ଗ୍ କହିଲା, ଦୁଃଖ କରନା ଆଈମା', ଗୋଟାଏ ଫାର୍ଣ୍ଣାକୋଳି ଖାଇଲେ କୁହୁକ ଭଳି ତୁମର ଦେହ ଭଲ ହୋଇଯିବ ।

ଫାର୍ଣ୍ଣାକୋଳି ଲୋଭରେ କୋକ ପୁଣି ଟୋକେଇରେ ବସି ଦଉଡ଼ି ଦୁଇଟି ଉପରକୁ ଫିଙ୍ଗିଲା । ସେଙ୍ଗ୍ ଦଉଡ଼ି ଧରିଲା । ସେଙ୍ଗ୍ ଓ ଚାଓ ଦଉଡ଼ି ଟାଣିଲେ । କୋକ କହୁଥାଏ, ହୁସିଆର ଟାଣ । ଏଥର ଯେମିତି ଦଉଡ଼ି ଛାଡ଼ି ଦଅନା, ମୁଁ ଯେବେ ତଳେ ପଡ଼ିଯାଏ ତେବେ ଗୋଟି ଗୋଟି ତୁମ ତିନିଙ୍କ ମୁଣ୍ଡମୋଡ଼ି ଚୋବେଇ ଖାଇବି । ସେଙ୍ଗ୍ ଓ ଚାଓ ମନଖୁସିରେ ଏହି ଗୀତ ବୋଲି ଦଉଡ଼ି ଟାଣିବାକୁ ଲାଗିଲେ—

ଆଈମା' ବୁଢ଼ୀ ଲୋ ଆଈମା' ବୁଢ଼ୀ,
ଟାଣୁଚୁ ହେଇ, ଟାଣୁଚୁ ହେଇ ଲମ୍ବା ଦଉଡ଼ି ।୦।
ଝୁଅଟ୍ ଝୁଅଟ୍
ଉଚକୁ ଉଠ

Digitized by srujanika@gmail.com

ଉଠିଲା ହେଇ, ଉଠିଲା ହେଇ ଆଈ-ବିମାନ
ଫାଉଣା କୋକ ଖାଇବା ଲାଗି ଆଈର ମନ
ଆଈ ଲୋ ଆଈ, ବୁମିଆ ଆଈ, ଖୁସିରେ ଗୁଡ଼ ଦେ
ଗୋଦବା ଉଡ଼ ।୧।

ଗୀତ ଗାଇବାରେ ସେଙ୍ଗ୍ ଓ ତାଓ ବ୍ୟସ୍ତ । ତାଳ ମାରିବାରେ ଟିକିପୁଅ ପୋଚର ମନ ଖୁସ୍ । ଦଉଡ଼ି ଟାଣିବାରୁ କୋକ ଟୋକେଇ ମନ୍ଦ ଉପରକୁ ଉଠିବାକୁ ଲାଗିଲା । ଉଚ୍ଚକୁ ଉଚ୍ଚକୁ । ଆହୁରି ଉପରକୁ ଉଠିଲା । ପିଲା ତିନିଜଣ ଯେଉଁ ଡାଳରେ ବସିଥିଲେ ସେହି ଡାଳର ଖୁବ୍ ନିକଟକୁ ଟୋକେଇ ଆସିଗଲା ଆଉ ଟିକିଏ ଟାଣିଥିଲେ କୋକ ପିଲାଙ୍କ ପାଖରେ ପହଞ୍ଚିଥାନ୍ତା । କୋକ ତା'ର ଆଗ ଗୋଡ଼ ଦୁଇଟି ବାହାରକୁ ବଢ଼ାଇ ଥିଲା ଡାଳ ଉପରକୁ ଉଠିବାକୁ । ତା'ର ମୁହଁଆ ନଖ ଦିଶୁଥିଲା । ଠିକ୍ ଏତିକିବେଳକୁ ସେଙ୍ଗ୍ ଛୁଙ୍କିଦେଲା ଆଉ ଦଉଡ଼ି ଗୁଡ଼ିଦେଲା । ତାଓ ମଧ୍ୟ ଦଉଡ଼ିରୁ ହାତ ଖସାଇ ଦେଲା । ଏତେ ଉଚ୍ଚରୁ ଟୋକେଇ ତଳେ ଭୂଷ୍‌କିନା ପଡ଼ିଲା । କୋକ ଛିଣ୍ଡା ଟୋକେଇରୁ ଛିଟିକି ପଡ଼ି ତା'ର ମୁଣ୍ଡ ଫାଟି ଛତୁ ହୋଇଗଲା । ପେଟ ମଧ୍ୟ ଫାଟିଗଲା । ରକତ ଜୁଡ଼ୁବୁଡ଼ୁ ହୋଇ ସେ ମରିଗଲା ।

ଟିକିଏ ପରେ ପିଲାମାନେ ଆଈର ଅବସ୍ଥା ଦେଖିବାକୁ ଗଛରୁ ଓହ୍ଲାଇ ତଳକୁ ଆସିଲେ । ଦେଖିଲେ, କୋକ-ଆଈମା' ମରିଯାଇଛି । ଛିନଭିନ୍ନ ଛିନ୍ନ ଛତର ହୋଇ ପଡ଼ିଛି ତା'ର ରକ୍ତ ମାଂସ ।

ସେମାନେ ଘରକୁ ଗଲେ । କବାଟ କିଳି ଆନନ୍ଦରେ ଶୋଇଲେ । ସକାଳ ହେଲା, ଦିନରେ କୋକ-ଆଈମା'ର ଶବ ଦେଖିଲେ । ସେଙ୍ଗ୍ ଚିହ୍ନିଲା, ଏଇଟା ଆଈମା' ନୁହେଁ; କୋକଶିଆଳଟାଏ । ଦିନବେଳା ମାମୁଁଘରୁ ସେମାନଙ୍କ ମା' ଫେରିବାରୁ ପିଲାମାନେ ଖୁସିମନରେ ଗଲା ରାତିର ଘଟଣା କହିଲେ । ମା' ସେଙ୍ଗ୍‌ର ବୁଦ୍ଧିକୁ ତାରିଫ୍ କଲେ । ମା' ମାମୁଁଘରୁ ଆଣିଥିବା ମିଠେଇ ସେମାନଙ୍କୁ ଖାଇବାକୁ ଦେଲେ । ମିଠେଇ ଖାଇ ଖୁସିରେ ପିଲାଏ ଗୀତ ଗାଇଲେ—

ଆଈମା' ବେଶରେ ଆସିଲା କୋକ,
ବୁଦ୍ଧିବଳେ ତାକୁ ଦେଲୁରେ ଠକ ।

Digitized by srujanika@gmail.com

ଠକକୁ ଠେଙ୍ଗା

ଚୀନ୍ ଦେଶର ଏକ ଗାଁରେ ବୁଢ଼ୀଟିଏ ଥିଲା । ତା'ର ଦୁଇ ପୁଅ । ବଡ଼ପୁଅ ନାଆଁ ଲିଟୁ ଓ ସାନପୁଅ ନାଆଁ ଲିଜ୍ । ଲିଟୁ ଅତି ଚତୁର ଓ କାମିକା । ଲିଜ୍ ଚଉଦ ବର୍ଷର ବାଳକ । ସେ ସରଳ ଓ ନିର୍ବୋଧ । ବଡ଼ପୁଅ କାମକରି ଅର୍ଥ ଉପାର୍ଜନ କରେ, କିନ୍ତୁ ସାନପୁଅ ଘରେ ବସି ଖାଏ । ତେଣୁ ମା' ତା' ଉପରେ ବିରକ୍ତ । ଗାଁର ଲୋକମାନେ ଲିଜ୍‌କୁ ବୋକାଟାଏ ବୋଲି ଥଟ୍ଟା କରନ୍ତି । ସେଥିକି ତା'ର ଖାତିର ନ ଥାଏ । ସାନପୁଅ ନିକମା ହୋଇ ଘରେ ବସି ରହିବା ମା' ପକ୍ଷରେ ଦିନକୁ ଦିନ ଅସହ୍ୟ ହେଲା । ଶେଷରେ ସେ ଥରେ କେତେଖଣ୍ଡ ସରୁ ଚକୁଳି ପିଠା ସାନପୁଅକୁ ଦେଇ କହିଲା, "ଏତକ ନେଇ ମୋ ଘରୁ ଯା' । ଯେତେବେଳେ କେଉଁଠି କାମକରି, ଟଙ୍କା ସୁନା କିଛି ରୋଜଗାର କରିବୁ, ସେତେବେଳେ ଘରକୁ ଫେରିବୁ ।"

ଲିଜ୍ ଚକୁଳି ପିଠାତକ ଏକ ଥଳିରେ ଧରି ଅଜଣା ବାଟରେ ଆଗକୁ ଚାଲିଲା । ସେ ଠାକୁରଙ୍କୁ ମନେ ମନେ ଡାକୁଥାଏ, ମତେ କେଉଁଠୁ କିଛି ଧନ ମିଳିଯାଉ । ବହୁଦୂର ଚାଲି ଚାଲି ଶେଷରେ ସେ ଏକ ନଈକୂଳରେ ପହଞ୍ଚିଲା । ନଈକୂଳରେ ବସି ଖଣ୍ଡିଏ ଚକୁଳି ପିଠା ଖାଇଲା । ନଈରୁ ପାଣି ପିଇଲା । ନଈକୂଳରେ ବସି ଭାବୁଛି କ'ଣ କରିବ ? କୁଆଡ଼େ ଯିବ ? କିମିତି ଧନ ଉପାର୍ଜନ କରିବ ? ଏହି ସମୟରେ ଦେଖିଲା, ଗୋଟିଏ ଛୋଟ ସାପ ମଲାଭଳିଆ ହୋଇ ଭୂଇଁରେ ପଡ଼ିଛି । ବୋଧହୁଏ ସାପଟି ଅସୁସ୍ଥ । ବାଳକଟିର ମନରେ ତା' ପ୍ରତି ଦୟା ହେଲା । ସେ ସାପର ଯତ୍ନ ନେଲା । ତାକୁ ଚକୁଳି ପିଠାରୁ ଟିକି ଟିକି ଛିଡ଼ାଇ ଖାଇବାକୁ ଦେଲା । ଲିଜ୍‌ର ଥଳିରେ ଗୋଟିଏ କାଗଜ ବାକ୍ସ ଥିଲା । ସେହି କାଗଜବାକ୍ସରେ ସାପକୁ ପୂରାଇ ଥଳିରେ ଧରି ଆଗକୁ ଚାଲିଲା । ବହୁତ ବାଟ ଚାଲି ଚାଲି ସେ ଏକ ଛୋଟ ସହରରେ ପହଞ୍ଚିଲା । ସେଠାରେ ରହି ଭିକମାଗି ଚଳିଲା । ଯାହା ଯେଉଁଠୁ ଆଣେ ନିଜେ ଖାଏ, ସାପକୁ ମଧ୍ୟ ଖାଇବାକୁ ଦିଏ । ସାପଟି ବଢ଼ି ବଢ଼ି ଏତେ ବଡ଼ ହେଲା ଯେ କାଗଜ ବାକ୍ସଟିରେ ରହିବାକୁ ତାକୁ ଜାଗା ହେଲାନି । ତେଣୁ ଲିଜ୍ ସାପକୁ ନିକଟରେ ଥିବା ଏକ ପୋଖରୀରେ ଛାଡ଼ିଦେଲା । ପ୍ରତିଦିନ ପୋଖରୀ କୂଳକୁ ଲିଜ୍ ଆସେ । ପାଟିକରି ସାପକୁ ଡାକେ ।

Digitized by srujanika@gmail.com

ସାପଟି ପାଣିରୁ ବାହାରି ଆସେ । ଲିଜ୍ ତାକୁ ଖାଇବାକୁ ଦିଏ । ଏହିପରି କେତେଦିନ କଟିଗଲା । କ୍ରମେ ସାପଟି ଖୁବ୍ ବଡ଼ ହୋଇଗଲା । ସେହି ପୋଖରୀରେ ରହିବାକୁ ତାକୁ ଅଡ଼ୁଆ ଲାଗିଲା । ସେ ଲିଜ୍‌କୁ କହିଲା, "ମତେ ନେଇ ଗୋଟିଏ ବଡ଼ ନଈରେ ଛାଡ଼ିଦିଅ ।" ଲିଜ୍ କହିଲା, "ମୁଁ ତତେ ପୋଷି ଏଡ଼େ ବଡ଼ କରିଛି । ତତେ ବିକି କିଛି ଅର୍ଥ ଉପାର୍ଜନ କରି ନ ନେଲେ ମୋର ମା' ବୁଢ଼ୀ ମତେ ଘରେ ପୂରାଇବ ନାହିଁ ।" ସାପ କହିଲା, "ଏଇ କଥା ! ହଉ, ମତେ ନେଇ ଏକ ବଡ଼ ନଦୀରେ ଛାଡ଼ିଦିଅ । ମୁଁ ତୁମକୁ ବହୁତ ଅର୍ଥ ଦେବି ।"

ଲିଜ୍ ଖୁସିମନରେ ସାପକୁ ନେଇ ଗୋଟିଏ ବଡ଼ ନଈରେ ଛାଡ଼ିଦେଲା । ସେତିକିବେଳେ ସାପ ଫଁ କରି ଫଣା ଟେକି ଶବ୍ଦ କରିବା

ମାତ୍ରେ ଗୋଟିଏ ଗଧ କାହୁଁ ଆସି ସେଠାରେ ଠିଆ ହେଲା । ସାପ ଲିଜ୍‌କୁ ସେହି ଗଧଟି ଦେଲା । ସାପ କହିଲା, "ତୁମେ ଯେତେବେଳେ ଟଙ୍କା ସୁନା

Digitized by srujanika@gmail.com

ଯାହା ଦରକାର କରିବ ଏ ଗଧକାନରେ କହି ମାଗିଲେ ସେ ଦେବ; କିନ୍ତୁ ସାବଧାନ ! ଏ କଥା କାହାକୁ କହିବ ନାହିଁ ।” ଲିଜ୍ ଏ କଥା ଶୁଣି ଭାରି ଖୁସି ହେଲା । ସେ ସାପଠାରୁ ବିଦାୟ ନେଇ ନିଜ ଗାଁକୁ ଫେରିଲା । ଗାଁ ତା’ର ବହୁତ ଦୂର । ସେ ଚାଲି ଚାଲି ବହୁତ ବାଟ ଗଲା ପରେ ସଞ୍ଜ ହେଲା । ଯେଉଁଠି ସଞ୍ଜ ହେଲା ସେଇଠି ଏକ ସୁନ୍ଦର ଧର୍ମଶାଳା ଥିଲା । ଲିଜ୍ ସେହି ଧର୍ମଶାଳାରେ ରାତିଟି କଟେଇବ ଭାବି ଭିତରକୁ ଗଲା । ଧର୍ମଶାଳାର ମାଲିକକୁ ଲିଜ୍ କହିଲା, “ମୋର ଏ ଗଧକୁ ତୁମ ଗୁହାଳରେ ବାନ୍ଧି ରଖ । କିନ୍ତୁ ହୁସିଆର, ତା କାନରେ କହି ତାକୁ ସୁନା ମାଗିବ ନାହିଁ ।” ଧର୍ମଶାଳା ମାଲିକ ଏ କଥା ଶୁଣି ଟିକିଏ ଚମକି ପଡ଼ିଲା । ଗଧଟାଏ, ସେ ପୁଣି ସୁନାମୋହର ଦେବ ! ଏ ବଡ଼ ଆଚମ୍ବିତ କଥା ! ତା ପରେ ସେ କହିଲା, ତୁମେ ଖାଇ ପିଇ ବିଶ୍ରାମ ନିଅ । ମୁଁ ଗଧକୁ ମୋ ଗୁହାଳରେ ମୋ ଗଧଙ୍କ ସଙ୍ଗରେ ବାନ୍ଧି ରଖୁଛି । ତୁମେ ଆସନ୍ତାକାଲି ସକାଳେ ତୁମ ଗଧ ନେଇ ଘରକୁ ଯିବ । ମୋର କି ଦରକାର ମୁଁ ଗଧକୁ ସୁନା ମାଗିବି ? ଏହା କହି ସେ ଲିଜର ରହିବା ଓ ଖାଇବାର ବ୍ୟବସ୍ଥା କଲା । ତାକୁ ଖୁବ୍ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦେଲା । ବହୁତ ବାଟ ଚାଲି ଚାଲି ଲିଜ୍ ହାଲିଆ ହୋଇ ପଡ଼ିଥିଲା; ତେଣୁ ଖାଇପିଇ ସେ ଶୀଘ୍ର ନିଘୋଡ଼ ନିଦରେ ଶୋଇପଡ଼ିଲା । ତାହିଁ ଅଧରାତିରେ ପାନ୍ଥଶାଳାର ମାଲିକ ଗଧ କାନରେ କହିଲା—

ସୁନା ଗଧ, ସୁନା ଗଧ ମୋଅର,
ଦିଅ ମତେ ବହୁ ସୁନା ମୋହର ।

ଏତକ କହିବା ଶେଷ ନ କରୁଣୁ ଗଧ ଖୁରା ପାଖରେ କେତେ-ଗୁଡ଼ିଏ ସୁନାମୋହର ଗଦା ହୋଇ ପଡ଼ିଲା । ଏହା ଦେଖି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଖୁସି ହେଲା । ସୁନାମୋହରତକ ନେଇ ଘରେ ସାଇତି ରଖିଲା । ମାଗିବା ମାତ୍ରେ ସୁନାମୋହର ଗଦାକରି ଦେଉଥିବା ଗଧକୁ କାହାର ବା ଲୋଭ ନ ହେବ ? ପାନ୍ଥଶାଳା ମାଲିକ ଲୋଭରେ ସେ ଗଧକୁ ଗୁହାଳରୁ ନେଇ ନିଜର ଏକ କୋଠରିରେ ରଖି ଚାବି ପକାଇ-ଦେଲା । ସକାଳୁ ଲିଜ୍ ଉଠି ତା’ ଗଧ ମାଗିଲା । ପାନ୍ଥଶାଳା ମାଲିକ ନିଜ ଗୁହାଳରୁ ନିଜର ଆଉ ଗୋଟିଏ ଗଧ ଆଣି ତାକୁ ଦେଲା । ଏ ଗଧଟି

Digitized by srujanika@gmail.com

ପ୍ରାପ୍ୟ ଲିଜ୍‌ର ଗଧଭଳି; ତେଣୁ ନିର୍ବୋଧ ଲିଜ୍ କିଛି ଜାଣିପାରିଲାନି । ସେହି ଗଧକୁ ସାଙ୍ଗରେ ନେଇ ସେ ଗାଁକୁ ଫେରିଲା । ଘରେ ପହଞ୍ଚି ମା'ଙ୍କୁ କହିଲା—ମୁଁ ଏକ ଅମୂଲ୍ୟ ସମ୍ପଦ ରୋଜଗାର କରିଛି । କେତେ ସୁନାମୋହର ଦରକାର ? ମାଆ କହିଲା, କରେ ପାଗଳଙ୍କ ପରି କ'ଣ ବକୁଛୁ । କାହିଁ କେତେ ସୁନାମୋହର ଆଣିଛୁ ଦେଲୁ ! ଲିଜ୍ କହିଲା, ହଉ ଦଣ୍ଡିଚ ଦେଖ । ଏହା କହି ଗଧ କାନରେ କହିଲା—

ସୁନା ଗଧ ସୁନା ଗଧ ମୋଅର,
ଦିଅ ମତେ କିଛି ସୁନା ମୋହର ।

ସୁନା ମୋହର ନା ଫୁନା ମୋହର, କିଛି କାହିଁକି ମିଳିବ ? ଓଲଟି ଲିଜ୍ ବାରମ୍ବାର ଗଧ କାନରେ ଏପରି ରଡ଼ ଛାଡ଼ିବାରୁ ସେ ଡିଆଁଡେଇଁ କରିବାକୁ ଲାଗିଲା । ଲିଜ୍‌ର ମନ ଖରାପ ହେଲା । ସେ ଭାବିଲା, ସାପଟି କୃତଘ୍ନ । ତାକୁ ଠକି ଦେଇଛି । ତହୁଁ ସେ ଗଧକୁ ସଙ୍ଗରେ ନେଇ ସାପ ରହିଥିବା ନଈ ପାଖକୁ ଗଲା । ନଈକୂଳରେ ରହି ବଡ଼ପାଟିରେ ସାପକୁ ଡାକିଲା । ସାପ ଆସିଲା । ସେ କହିଲା, ମୁଁ ତୁମର ଏତେ ଉପକାର କଲି; କିନ୍ତୁ ତୁମେ ମତେ ଠକିଲ ! ନିଅ, ତୁମର ଗଧଟି ଫେରାଇ ନିଅ । ମୋର ଲୋଡ଼ା ନାହିଁ । ସାପ ସବୁକଥା ଜାଣିପାରିଲା । କିନ୍ତୁ ସେ ଲିଜ୍‌କୁ ସେ ବିଷୟ କିଛି କହିଲାନି । ସାପ କହିଲା, 'ହଉ ନିଅ, ଆଉ ଗୋଟିଏ ଜିନିଷ ନିଅ ।' ଏହା କହି ସେ ଏକ ଶ୍ରେଷ୍ଠ ସତରଞ୍ଜି ଲିଜ୍‌କୁ ଦେଲା । ସାପ କହିଲା—ଏହି ସତରଞ୍ଜି ଉପରେ ବସି ଖାଇବାକୁ ମାଗିଲେ ତୁମକୁ ବହୁତ ପ୍ରକାର ସୁସ୍ୱାଦୁ ଖାଦ୍ୟପଦାର୍ଥ ମିଳିବ ।

ଲିଜ୍ ସତରଞ୍ଜି ନିଜ ଅଣ୍ଟାରେ ରଖି ଗାଁକୁ ଚାଲିଲା । ବହୁତ ବାଟ ଚାଲି ଚାଲି ସେହି ପୂର୍ବୋକ୍ତ ପାନ୍ଥଶାଳା ପାଖରେ ପହଞ୍ଚିଲା ବେଳକୁ ପ୍ରାୟ ସଞ୍ଜ ହେଲାଣି; ତେଣୁ ସେ ପାନ୍ଥଶାଳାରେ ରହି ବିଶ୍ରାମ କଲା । ପାନ୍ଥଶାଳା ମାଲିକ ଲିଜ୍‌କୁ ଦେଖି ପ୍ରଥମେ ମନେ ମନେ ଡରିଗଲା । ସେ ଭାବିଲା, ଆରେ ଏ କ'ଣ ଆସିଲାଣି ! ମୁଁ ତା ବିଚିତ୍ର ଗଧଟି ରଖି ତାକୁ ଆଉ ଗୋଟିଏ ଗଧ ଦେଇ ଠକିଛି ବୋଲି ଜାଣିପାରିଲା କି ? କିନ୍ତୁ ସେ ଲୋଭୀ ପାନ୍ଥଶାଳା ମାଲିକ ଭାରି ସାହସୀ । ତେଣୁ ସେ

Digitized by srujanika@gmail.com

ଭାବିଲା, ହଉ ଦେଖାଯାଉ ସେ କ'ଣ କହିବ ? ଲିଜ୍ କହିଲା, ଆଜି ରାତିକ ଏଠି ରହିବି । ମୋର ଏ ସତରଞ୍ଜିଟି ଥଳରେ ଅଛି । ଦେଖ ହୁସିଆର, ଏଥିରେ ଯେମିତି କେହି ହାତ ନ ଲଗାନ୍ତି କମ୍ବା ଏହାକୁ କିଛି ଖାଇବାକୁ ନ ମାଗନ୍ତି । ଏହା ଶୁଣି ପାନ୍ଥଶାଳା ମାଲିକ ମନେ ମନେ ଖୁବ୍ ଆନନ୍ଦିତ ହେଲା । ସେ ଭାବିଲା, ଏଥର ଏ ଆଉ ଏକ ବିଚିତ୍ର ସମ୍ପଦ ।

ଲିଜ୍ ଖାଇପିଇ ଶୋଇବା ପରେ ପାନ୍ଥଶାଳା ମାଲିକ ସେହି ସତରଞ୍ଜିଟିକୁ ତା' ଥଳରୁ ନେଇ ସେହିପରି ଆଉ ଖଣ୍ଡେ ସତରଞ୍ଜି ରଖିଦେଲା । ଲିଜ୍ ସକାଳୁ ଉଠି ସତରଞ୍ଜି ଧରି ଘରକୁ ଗଲା । ଘରେ ପହଞ୍ଚି ମା'କୁ କହିଲା, 'ତୋ ପାଇଁ କ'ଣ ଆଣିଛି ଦେଖ । କେତେ ଖାଇବୁ ଆଉ କ'ଣ କ'ଣ ଖାଇବୁ ? ଟଙ୍କା ସୁନା କେତେ ଦରକାର ? ଏଇ ପେଟଲାଗି ତ ? ଆମେ ତ ଯେତେ ଇଚ୍ଛା, ଯାହା ଇଚ୍ଛା ଖାଇବାକୁ ପାଇବା । ଟଙ୍କା ସୁନା ଆମର କ'ଣ ଦରକାର ? ଏହା କହି ସେ ସତରଞ୍ଜି ପକାଇ ତା'ଉପରେ ବସି କହିଲା—

ଶୁଭ ସତରଞ୍ଜି ଶୁଭ ସତରଞ୍ଜି,
ଦିଅ ମତେ ଭଲ ଖାଦ୍ୟ ଆଣି ଆଜି ।

ଏପରି କହି କହି ଲିଜ୍‌ର ପାଟି ଫୋଳି ହେଲା । ଖାଇବା ଜିନିଷ କିଛି ମିଳିଲାନି । ତା' ମା' କହିଲା—ତୁ ପାଗଳଟାଏ । ତୁଟା ନିହାତି ବୋକା । ସତରଞ୍ଜି କେଉଁଠୁ ଖାଦ୍ୟ ଆଣି ଦେବ ?

ଲିଜ୍‌କୁ ଲାଜ ମାଡ଼ିଲା । ଏଥର ମନେ ମନେ ସେ ସାପ ଉପରେ ଖୁବ୍ ବିରକ୍ତ ହେଲା । ସଙ୍ଗେ ସଙ୍ଗେ ସେହି ସତରଞ୍ଜି ଖଣ୍ଡିକ ଧରି ସାପ ରହୁଥିବା ନଈ ପାଖକୁ ଗଲା । ନଈ କୂଳରେ ପହଞ୍ଚି ସେ ଚିତ୍କାର କରି କହିଲା—ହେ ବନ୍ଧୁ, ତୁମେ ମତେ ବାରମ୍ବାର କାହିଁକି ଏପରି ଠକୁଛ ? ନିଅ ତୁମର ସତରଞ୍ଜି ଫେରାଇ ନିଅ । ମୋର ଦରକାର ନାହିଁ ।

ସାପ ସବୁକଥା ଜାଣିଥିଲା; କିନ୍ତୁ ସେ ଲିଜ୍‌କୁ ତା'ର ବୋକାମି କଥା କିଛି ନ କହି ଓଳଟି କହିଲା—ହଉ ଯାହା ହେବାର ହେଲା, ଏଥର ଖୁବ୍ ଭଲ ଜିନିଷଟିଏ ଦେଉଛି । ଏହା କହି ସେ ଲିଜ୍‌କୁ ଠେଙ୍ଗାଟିଏ ଦେଲା । ଠେଙ୍ଗା ଦେଲାବେଳେ ସାପ କହିଲା, ଏହି ଠେଙ୍ଗାଟି ନିଅ ।

Digitized by srujanika@gmail.com

ତୁମର ଆଉ କଛି ଅଭାବ ରହିବନି, କିନ୍ତୁ ଏଥର ସେହି ପାନ୍ଥଶାଳାରେ ରାତିରେ ରହିଲାବେଳେ ତା'ର ମାଲିକକୁ କହିବ ଏ ଠେଙ୍ଗାକୁ କେବେ-ହେଲେ କହିବ ନାହିଁ—

ହେ ଠେଙ୍ଗା, ହେ ଲାଠି
ବାଡ଼ାଅ ମତେ ଦେଖାଏ ପିଠି ।

ଏ କଥା ଭୁଲିବ ନାହିଁ । ନିଶ୍ଚୟ ମନେକରି ପାନ୍ଥଶାଳା ମାଲିକକୁ କହିବ । ଲିଜ୍ 'ହଉ କହିବ' କହି ଠେଙ୍ଗାଟି ଧରି ଘରମୁହାଁ ଚାଲିଲା । ସଞ୍ଜବେଳକୁ ସେହି ପାନ୍ଥଶାଳାରେ ପହଞ୍ଚି ରାତିରେ ରହିଲା । ପାନ୍ଥଶାଳା ମାଲିକ ଲିଜ୍‌କୁ ଦେଖି ଅତିଶୟ ଖୁସି ହେଲା । ଦୁଇଟି ବିଚିତ୍ର ସମ୍ପଦ ପାଇଛି । ସେ ଭାବିଲା, ଏଥର ମଧ୍ୟ ବୋକାଠାରୁ ଗୋଟିଏ ଅମୂଲ୍ୟ ସମ୍ପଦ ମିଳିବ । ଲିଜ୍ କହିଲା—ଦେଖ ଭାଇ, ଏଇ ଠେଙ୍ଗାଟି କୁହୁକ ଠେଙ୍ଗା । ଯାହାକୁ ତୁମେ କହିବ ନାହିଁ—

ହେ ଠେଙ୍ଗା, ହେ ଲାଠି
ବାଡ଼ାଅ ମତେ ଦେଖାଏ ପିଠି ।

ଏ କଥା ଶୁଣି ପାନ୍ଥଶାଳା ମାଲିକ ମନେ ମନେ ଭାବିଲା, ଦୁଇଥର ଯାହାଠାରୁ ଭଲ ଜିନିଷ ପାଇଲି । ଏ କଥାରେ ମଧ୍ୟ ରହସ୍ୟ ଅଛି । ଏ କଥା କହିଲେ ଠେଙ୍ଗା ମାଡ଼ ନ ଦେଇ ବଡ଼ ବଡ଼ ଭଲ ଜିନିଷଗୁଡ଼ିଏ ବୋଧହୁଏ ଦେବ । ପ୍ରକାଶ୍ୟରେ ସେ କହିଲା, ମୋର କି ଦରକାର ତୁମ ଠେଙ୍ଗାକୁ ମୁଁ ଏପରି କହିବ ?

ପାନ୍ଥଶାଳା ମାଲିକ ଭଲ ଭଲ ଖାଦ୍ୟ ରନ୍ଧାବଢ଼ା କରି ଲିଜ୍‌କୁ ଉତ୍ତମ ସରିତ୍ତୋଜନ ଖାଇବାକୁ ଦେଲା । ଲିଜ୍ ଦୀର୍ଘ ବାଟଚାଲି ଯୋଗୁଁ ହାଲିଆ ହୋଇଥିବାରୁ ଚଞ୍ଚଳ ଶୋଇପଡ଼ିଲା । ତହୁଁ ରାତି ଅଧରେ ପାନ୍ଥଶାଳା ମାଲିକ ଲିଜ୍‌ର ସେହି ଠେଙ୍ଗାକୁ ନେଇଗଲା । ଠେଙ୍ଗାଟି ପାଖରେ ରଖି କହିଲା—

ହେ ଠେଙ୍ଗା, ହେ ଲାଠି
ବାଡ଼ାଅ ମତେ ଦେଖାଏ ପିଠି ।

ଏତିକ କହୁ ନ କହୁଣୁ କୁହୁକ ଠେଙ୍ଗା ତାକୁ ନିର୍ଘାତ ପିଟିଲା । ଠେଙ୍ଗା ପାହାର ବନ୍ଦ ହେଲା ନାହିଁ । ସେ ଏଣେତେଣେ ଦୌଡ଼ିଲା ।

Digitized by srujanika@gmail.com

କୁହୁକ ଠେଙ୍ଗା ତା' ପଛେ ପଛେ ଧାଇଁ ତାକୁ ଜୋର୍‌ରେ ପିଟିଲା । ତା'ର ପିଠି ଫାଟି ରକ୍ତ ବୋହିଲା । ସେ ପ୍ରାଣ ବିକଳରେ ଲିଜ୍ ଶୋଇଥିବା କୋଠରିକୁ ଧାଇଁଗଲା । ଲିଜ୍‌କୁ ନିଦରୁ ଉଠାଇ ତା' ଗୋଡ଼ ଭିଡ଼ିଧରି କହିଲା, ମତେ ବଞ୍ଚାଅ, ମତେ ରକ୍ଷାକର, ମତେ କ୍ଷମାକର । ମୁଁ ତୁମ କୁହୁକ ଗଧ ଓ କୁହୁକ ସତରଞ୍ଜି ଫେରାଇ ଦେଉଛି । ଲିଜ୍ କହିଲା—

ଠେଙ୍ଗାରେ ଠେଙ୍ଗା କୁହୁକ ଠେଙ୍ଗା
ଛାଡ଼ଦେ' ତା'ରେ ଆଉ ନ ଲଗା ।

ସଙ୍ଗେ ସଙ୍ଗେ ଠେଙ୍ଗା ପିଟିବା ବନ୍ଦକଲା । ପାନ୍ଥଶାଳା ମାଲିକ ଲିଜ୍‌କୁ ତା'ର ଗଧ ଓ ସତରଞ୍ଜି ଫେରାଇଦେଲା । ଲିଜ୍ ସତରଞ୍ଜି ଓ ଠେଙ୍ଗା ଧରି ଗଧ ସହିତ ନିଜ ଗାଁକୁ ଖୁସିମନରେ ଫେରିଲା । ମା'କୁ ଏହି ତିନୋଟି ଜିନିଷ ସମ୍ପଦର କରାମତି ଦେଖାଇଲା । ତା'ର ମା ବହୁତ ଖୁସିହେଲା । ତିନୋଟି ଜିନିଷ ବଳରେ ପାଇ ଲିଜ୍ ତା'ର ମା' ଓ ଭାଇ ସହିତ ବହୁକାଳ ସୁଖରେ ରହିଲା ।

Digitized by srujanika@gmail.com

କୁକୁଡ଼ା ଡାକିଲେ ସୂର୍ଯ୍ୟ ଉଏଁ

ବହୁ ପୁରାକାଳର କଥା । ସେତେବେଳେ ଆକାଶରେ ନଅଟି ସୂର୍ଯ୍ୟ ଥିଲେ । ଅତ୍ୟଧିକ ଗରମ ହେତୁ ଲୋକମାନଙ୍କ ଦେହରୁ ଅନବରତ ଝାଳ ବୋହୁଥିଲା । ଲୋକମାନେ ନଅଟି ସୂର୍ଯ୍ୟଙ୍କ ତାଡ଼ନାରୁ କପରି ରକ୍ଷା ପାଇବେ ସେହି ଚିନ୍ତାରେ ସବୁବେଳେ ବ୍ୟସ୍ତ ହେଉଥିଲେ । ଏଥିର ଉପାୟ ଲାଗି ସେମାନଙ୍କ ମଧ୍ୟରେ ଆଲୋଚନା ହେଉଥିଲା ।

ଜଣେ ଚତୁର ବ୍ୟକ୍ତି କହିଲେ, "ଯଦି ସୂର୍ଯ୍ୟମାନଙ୍କୁ ଆମେ ବଡ଼ ବଡ଼ ଟୋକେଇରେ ଘୋଡ଼ାଇ ଦେଇ ପାରିବା, ତେବେ ଗରମ କମିଯିବ ।" ସମସ୍ତେ କହିଲେ, ଏଇଟି ଭଲ ଉପାୟ, କିନ୍ତୁ ଆମେ ଏତେ ବଡ଼ ଟୋକେଇ କେଉଁଠୁ ପାଇବା ? ଯଦି ବା ବଡ଼ ବଡ଼ ଟୋକେଇ ତିଆରି କରିବା, ତେବେ ଆକାଶରେ ସେଗୁଡ଼ିକରେ ସୂର୍ଯ୍ୟମାନଙ୍କୁ ଘୋଡ଼ାଇ କପରି ରଖାଯିବ ? ତେଣୁ ଏ ଉପାୟ କାର୍ଯ୍ୟକାରୀ ହୋଇପାରିବ ନ ।

ଆଉ ଜଣେ ଲୋକ ପ୍ରସ୍ତାବ କଲେ, ଆମେ ଭୂଇଁ ତଳେ ଘର କରି ରହିବା । ତା'ହେଲେ ଏହି ନଅଟି ସୂର୍ଯ୍ୟଙ୍କ ଅସହ୍ୟ ଉତ୍ତାପରୁ ରକ୍ଷା ପାଇବା ।

ଏଇଟି ଉତ୍ତମ ପ୍ରସ୍ତାବ ହୋଇପାରେ, କିନ୍ତୁ ସମସ୍ତେ ଭୂମିତଳେ ଘର କରି ରହିଲେ ଖାଇବେ କ'ଣ ? ଭୂମି ଉପରେ କିଏ କୃଷକାମ କରିବ ? ଶସ୍ୟ କପରି ଉତ୍ପାଦନ କରିହେବ ? ତେଣୁ ଏ ଉପାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ନ ।

କାର୍ଯ୍ୟକାରୀ ହେଲାଭଳି ଭଲ ଉପାୟଟିଏ ପାଇବାକୁ ସମସ୍ତେ ଚିନ୍ତାକରି ବସିଲେ । ତା'ପରେ ଜଣେ ଲୋକ ଏକ ଭଲ ପ୍ରସ୍ତାବ ଆଣିଲେ । ସେ କହିଲେ, "ଆପୋଲୋଙ୍କୁ ସମସ୍ତେ ଜାଣିଚ । ସେ ଜଣେ ବିଖ୍ୟାତ ବୀର । ଧନୁର୍ବିଦ୍ୟାରେ ନିପୁଣ । ତାଙ୍କର ଲକ୍ଷ୍ୟ ଅବ୍ୟର୍ଥ । ତାଙ୍କୁ ଅନୁରୋଧ କଲେ, ସେ ଶର ମାରି ସୂର୍ଯ୍ୟଗୁଡ଼ିକୁ ଆକାଶରୁ ତଳକୁ ଖସାଇ ଦେଇ ପାରିବେ ।" ଏଥିରେ ସମସ୍ତେ ରାଜି ହେଲେ । ଜଣେ ଜାଣିଲା ଶୁଣିଲା ବୁଢିଆ ଲୋକକୁ ଆପୋଲୋଙ୍କ ପାଖକୁ ଏହି ପ୍ରସ୍ତାବ ନେଇ ପଠାଇବାକୁ ସ୍ଥିର ହେଲା ।

ଆପୋଲୋ ଉଚ୍ଚ ପର୍ବତ ଗୁମ୍ଫାରେ ରହୁଥିଲେ । ସେ ଖୁବ୍ ଡେଙ୍ଗା, ସ୍ୱାସ୍ଥ୍ୟବାନ୍ ଓ ବଳୁଆ ଥିଲେ । ମୋଟା ଗଛବକଳର ପଟି ସେ

Digitized by srujanika@gmail.com

ଅନ୍ଧାରରେ ପିନ୍ଧୁଥିଲେ । ତାଙ୍କର ମୁଖମଣ୍ଡଳ ଉଜ୍ଜ୍ୱଳ । ଆଖି ମଣିମୁକ୍ତା ଭଳି ଜକଜକ । ସେ ଜଣେ ଧନୁର୍ବିଦ୍ୟା ପାରଙ୍ଗମ ଦେବତୁଲ୍ୟ ବ୍ୟକ୍ତି ।

ଯେତେବେଳେ ଜନସମାଜର ପ୍ରେରିତ ଦୂତ ଆପୋଲୋଙ୍କୁ ଏହି ପ୍ରସ୍ତାବ ବାଢ଼ି ଅନୁରୋଧ କଲା; ସେ ଜୋର୍‌ରେ ହସିଉଠି କହିଲେ, "ଏହା ଏକ ଗୁରୁତର ବିଷୟ । ଏ କାର୍ଯ୍ୟ ଖୁବ୍ କଠିଣ । କିନ୍ତୁ ପୃଥିବୀର ସମସ୍ତ ନରନାରୀଙ୍କର ଯେତେବେଳେ ଏହା ଇଚ୍ଛା, ମୁଁ 'ସୂର୍ଯ୍ୟ-ଶିକାର' କରିବି । ମୁଁ ନିଶ୍ଚୟ ସୂର୍ଯ୍ୟ-ଶିକାର କରିବି ।"

ଆପୋଲୋ ନିଜର ପ୍ରକାଣ୍ଡ ଧନୁକୁ ପୂର୍ଣ୍ଣ ଟଙ୍କାର ଦେଇ ତୀକ୍ଷ୍ଣ ତୀରଟିଏ ଏକ ସୂର୍ଯ୍ୟଙ୍କୁ ଲକ୍ଷ୍ୟକରି ଆକାଶକୁ ନିକ୍ଷେପ କଲେ । ଫଳରେ ଗୋଟିଏ

Digitized by srujanika@gmail.com

ସୂର୍ଯ୍ୟ ଆକାଶରୁ ଛିଡ଼ି ଭୂମି ଉପରେ ପଡ଼ିଲେ । ତା'ପରେ ଆହୁରି ଥରକୁ ଥର ଏହିପରି ସାତଥର ସେ ନିଜ ଧନୁରୁ ଅନ୍ୟ ସାତଟି ସୂର୍ଯ୍ୟଙ୍କୁ ଲକ୍ଷ୍ୟ କରି ଶର ଛାଡ଼ିଲେ । ଗୋଟିକ ପରେ ଗୋଟିଏ ଏହିପରି ମୋଟରେ ଆଠଟି ସୂର୍ଯ୍ୟ ଆକାଶରୁ ଛିଡ଼ି ଭୂମି ଉପରେ ପଡ଼ିଗଲେ । ଆକାଶରେ ଆଉ ଏକମାତ୍ର ସୂର୍ଯ୍ୟ ଭୟରେ ପର୍ବତ ଆଢ଼ୁଆଳରେ ଲୁଚି ରହିଲେ । ଲୋକମାନେ ବିପୁଳ ଆନନ୍ଦ ଓ ହର୍ଷଧ୍ୱନି କରି ନାଚିବାକୁ ଲାଗିଲେ । ସେମାନେ ଆପୋଲୋଙ୍କର ଅପୂର୍ବ ଶକ୍ତିର ଭୂରି ଭୂରି ପ୍ରଶଂସା କଲେ । କିନ୍ତୁ ଏହି ବିପୁଳ ଆନନ୍ଦ ଉତ୍ସବ ଲୋକେ ପାଳନ କରୁଥିବା ସମୟରେ ପୃଥିବୀ ଘୋର ଅନ୍ଧକାରରେ ବୁଡ଼ି ରହିଲା । ଲୋକମାନେ ସଙ୍ଗେ ସଙ୍ଗେ ବୁଝିପାରିଲେ ଯେ ଏମିତି ଘୋର ଅନ୍ଧକାରରେ ଚଳିବା ଅସମ୍ଭବ । ସୂର୍ଯ୍ୟାଲୋକ ବିନା ଫସଲ ମଧ୍ୟ ହେବ ନାହିଁ । ସେ ଦୁଃଖ ଠାରୁ ଏ ଦୁଃଖ ବଳିପଡ଼ିଲା ।

ଏ ବିପଦରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ଲୁଚିଥିବା ସୂର୍ଯ୍ୟଙ୍କୁ ଖୋଜି ବାହାର କରିବା । ଏହା ନ କଲେ ଯାଏ ଜୀବଜଗତ ପୃଥିବୀରେ ବଞ୍ଚିରହି ପାରିବେନି ।

'ତା'ହେଲେ କାହାକୁ ସୂର୍ଯ୍ୟଙ୍କ ପାଖକୁ ପଠାଇବା ? ଜଣେ ବ୍ୟକ୍ତି କହିଲେ ।

"ଜଣେ ଜ୍ଞାନୀଲୋକଙ୍କୁ ସୂର୍ଯ୍ୟଙ୍କ ପାଖକୁ ଦୂତରୂପେ ପଠାଯାଉ ।" ଆଉ ଜଣେ ଲୋକ ଉତ୍ତର ଦେଲେ ।

ଆଉ ଜଣେ କହିଲେ, ନା ନା, ନବମ ସୂର୍ଯ୍ୟ ମଣିଷ ଉପରେ ରାଗିଥିବେ । କାରଣ ତାଙ୍କର ଆଠଜଣ ଭାଇ ଆଠଟି ସୂର୍ଯ୍ୟଙ୍କୁ ଆମେ ମାରିଲେ । ମଣିଷର କୌଣସି ନିବେଦନ ବୋଧହୁଏ ସେ ଶୁଣିବେନି । ବରଂ ଏ କାମରେ ଭଲ ଗୀତ ଗାଇପାରୁଥିବା କୌଣସି ସୁନ୍ଦର ପକ୍ଷୀକୁ ସୂର୍ଯ୍ୟଙ୍କ ପାଖକୁ ପଠାଯାଉ ।

କେଉଁ ପକ୍ଷୀ ସୁନ୍ଦର ଏବଂ ଭଲ ଗୀତ ଗାଇପାରିବ ?

ପ୍ରଥମେ କୋଇଲିକୁ ଡକାଗଲା । କୋଇଲି ତା'ର କୁହୁକୁହୁ ସ୍ୱନରେ ପର୍ବତ ଉପରେ ଏକ ଗଛଡାଳରେ ବସି ବହୁତ ସମୟ ଗୀତ

Digitized by srujanika@gmail.com

ଗାଇ ସୂର୍ଯ୍ୟଙ୍କୁ ଡାକିଲା । କିନ୍ତୁ ସୂର୍ଯ୍ୟ ପର୍ବତ ଉହାଡ଼ରୁ ଉପରକୁ ଉଠିଲେନି ।

ତା'ପରେ ପଡ଼ିଲା ଭରତଆ ପକ୍ଷୀର ପାଳି । ଭରତଆ ମଧ୍ୟ ପର୍ବତ ଉପରେ ଏକ ବୃକ୍ଷଶାଖାରେ ବସି ସୁମଧୁର ସ୍ୱରରେ ସୂର୍ଯ୍ୟଙ୍କ ସ୍ତୁତିଗାନ କଲା । ଆକୁଳରେ ସୂର୍ଯ୍ୟଙ୍କୁ ଡାକିଲା; କିନ୍ତୁ ସୂର୍ଯ୍ୟଙ୍କର ମାନ ଭାଙ୍ଗିଲାନି । ସେ ଲୁଚିଥିବା ସ୍ଥାନରୁ ବାହାରି ଦେଖାଦେଲେନି ।

ତା'ପରେ ନାଇଟିଙ୍ଗେଲ୍, ବୁଲ୍‌ବୁଲ୍ ଓ ଗୀତବୋଲିକି ପ୍ରଭୃତି ମିଠାଗୀତ ଗାଇପାରୁଥିବା ଚଢ଼େଇମାନଙ୍କୁ ଗୋଟିକ ପରେ ଗୋଟିଏ ପଠାଗଲା । କିନ୍ତୁ ସମସ୍ତେ ହାରି ମାନିଲେ ।

ଲୋକମାନେ ବିରକ୍ତ ହୋଇ କଡ଼ା ସ୍ୱରରେ ରାବୁଥିବା ଅଥଚ ଅତି ସୁନ୍ଦର ପକ୍ଷୀ ମୟୂରକୁ ପଠାଇଲେ । ମୟୂର ରଜାପରି ଠାଣିରେ ତା'ର ସୁନ୍ଦର ପୁଚ୍ଛକୁ ଟେକି ନାନାଭଳି ପର୍ବତ ଉପରେ ନାଚ କରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କଲା । ସୂର୍ଯ୍ୟଙ୍କ ସ୍ତବଗାନ କରି ଉଚ୍ଚ ସ୍ୱରରେ ଡାକିଲା; କିନ୍ତୁ ତା'ର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ସୂର୍ଯ୍ୟ ଆକାଶରେ ଦେଖାଦେଲେନି ।

ଶେଷରେ କୁକୁଡ଼ାକୁ ପଠାଇବାକୁ ସ୍ଥିର ହେଲା । ଏକ ସୁନ୍ଦର ବଡ଼ ଗଞ୍ଜାକୁ ଡକାଗଲା ।

କୁକୁଡ଼ା ପର୍ବତ ଉପରେ ଠିଆହୋଇ ନିଜର ନାନାରଙ୍ଗର ପର ଝାଡ଼ି ମର୍ଥାଟେକି, ବେକ ଲମ୍ବାଇ ଉଚ୍ଚସ୍ୱରରେ 'ଚକ୍ରଧର ରକ୍ଷାକର' ବୋଲି ପ୍ରଥମେ ପରମେଶ୍ୱରଙ୍କୁ ଆକୁଳ ନିବେଦନ କଲା । ତା'ପରେ ନାନା ଭଙ୍ଗିରେ ସୂର୍ଯ୍ୟଙ୍କର ସ୍ତୁତି ଗାନକରି ରାବ ଦେଲା ।

କୁକୁଡ଼ା ରାବ ଶୁଣି ସୂର୍ଯ୍ୟ ଭାବିଲେ, ଏହାର ସ୍ୱର ମଧୁର ନ ହେଲେ ବି ଏଥିରେ ଭରି ରହିଛି ଆନ୍ତରିକତା, ସରଳତା ଓ ସାବଲୀଳତା । ଏହାର ଆକୁଳ ନିବେଦନ ଡାକରାକୁ ଏଡ଼ିଦେବା ଉଚିତ ନୁହେଁ । ସୂର୍ଯ୍ୟ ସଦୟ ହେଲେ । ସେ ଆକାଶରେ ପ୍ରକାଶ ପାଇବାକୁ ବ୍ୟଗ୍ର ହେଲେ । କିନ୍ତୁ ଆପୋଲୋଙ୍କ ଶରମାଡ଼ କଥା ମନେପଡ଼ିବାରୁ ସେ ଡରିଗଲେ ।

ତା'ପରେ କୁକୁଡ଼ା ପୁଣି ଉଚ୍ଚକଣ୍ଠରେ ତିନିଥର ଡାକ ଦେଲା—

Digitized by srujanika@gmail.com

କୁକୁଡ଼ୁ—କୁଁ, କୁକୁଡ଼ୁ—କୁଁ
ଭୟ ନାହିଁ ଡାକୁଛି ମୁଁ ।

ଅନ୍ୟାନ୍ୟ ଅନେକ ଚଢ଼େଇ ମଧ୍ୟ ଗଛଡାଳରେ ବସି କୁକୁଡ଼ା ଡାକ ସହିତ ତାଳଦେଇ ନାନା ସ୍ୱରରେ ଖୁବ ଡାକିଲେ ।

ସୂର୍ଯ୍ୟ ଭାବିଲେ, କୁକୁଡ଼ା କଦାପି ତାଙ୍କୁ ଠକିବ ନାହିଁ । ଜଣାପଡ଼ୁଛି, ବର୍ତ୍ତମାନ ବିପଦର କୌଣସି ଆଶଙ୍କା ନାହିଁ । ବୋଧହୁଏ ଜଗତବାସୀ ବର୍ତ୍ତମାନ ତାଙ୍କୁ ଖୋଜି ବସିଛନ୍ତି ।

ଏହା ଖୁବ ସୂର୍ଯ୍ୟ ପର୍ବତ ଆଡ଼ୁଆଳରେ ଆସ୍ତେ ଉଙ୍କିମାରି ନିଜର ମଥା ଟେକିଲେ । ତାଙ୍କ ସାରା ପୃଥିବୀରେ ସୁନେଲି କିରଣ ବିଛେଇହୋଇ ପଡ଼ିଲା । ଚାରିଆଡ଼େ ଆନନ୍ଦ କୋଳାହଳପୂର୍ଣ୍ଣ ହେଲା । ଉଦୟସୂର୍ଯ୍ୟଙ୍କ ବନ୍ଦନାରେ ଗଗନ ପବନ ମୁଖରିତ ହେଲା । ସୂର୍ଯ୍ୟ ଆଜି ଡେରି ନ କରି ଆକାଶରେ ପୂର୍ଣ୍ଣ ପ୍ରକାଶିତ ହେଲେ । ସାରା ପୃଥିବୀ ଆଲୋକିତ ହେଲା ।

ସେହିଦିନ ଠାରୁ କୁକୁଡ଼ା ରାବିଲା ପରେ ସକାଳେ ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହୁଅନ୍ତି ।

Digitized by srujanika@gmail.com

ପରୋପକାରର ସୁଫଳ

ବହୁତ ଦିନ ତଳର କଥା । ଚୀନ୍‌ଦେଶର ଅଲଭ ହ୍ରଦ ପାଖରେ ଏକ ଗାଁ । ସେହି ଗାଁରେ ଜଣେ ବୁଢ଼ୀ ଥାଏ । ତା'ର ଗୋଟିଏ ବୋଲି ପୁଅ । ନାଆଁ ତା'ର ଗୁଓ । ବୁଢ଼ୀର ବୟସ ଅଧିକ । ବଳ ତୁଟିଗଲାଣି । ସେ କାମଧନ୍ଦା କରିପାରେନା । ତେଣୁ ଗୁଓ ସେ ଗାଁର ଜମିଦାରଙ୍କ ଜମି ଭାଗଚାଷ କରି ଚଳେ । ଚାଷକାମରେ ହାଡ଼ଭଙ୍ଗା ପରିଶ୍ରମ କରେ । ତଥାପି ମା'ପୁଅଙ୍କୁ ପେଟପୂରି ଗଣ୍ଡେ ଖାଇବାକୁ ଅଣ୍ଟେ ନାହିଁ । ବର୍ଷସାରା ସବୁବେଳେ ଅଭାବ ।

ଗୁଓ ମନରେ ସବୁବେଳେ ଦୁଇଟି ପ୍ରଶ୍ନ । ପ୍ରଥମ ପ୍ରଶ୍ନ ହେଉଛି, ଅଲଭ ହ୍ରଦର ଜଳ କାହିଁକି ସ୍ଥିର ନୁହେଁ, ସର୍ବଦା ଚଞ୍ଚଳ ? ଦ୍ୱିତୀୟ ପ୍ରଶ୍ନ—କଠିନ ପରିଶ୍ରମ କରି ମଧ୍ୟ ସେ ଗରିବ କାହିଁକି ?

ଏହି ପ୍ରଶ୍ନ ଦୁଇଟି ସେ ତା'ର ସାଙ୍ଗସାଥିଙ୍କୁ ପଚାରିଲା । କେହି-ହେଲେ ଏହି ପ୍ରଶ୍ନ ଦୁଇଟିର ଠିକ୍ ଉତ୍ତର ଦେଇପାରିଲେ ନାହିଁ । ଗ୍ରାମବାସୀ କେହିହେଲେ ଜଣେ ସଠିକ ଉତ୍ତର ଦେଇପାରିଲେନି । କିନ୍ତୁ ଗାଁର ବୟସ୍କ ଲୋକମାନେ କହିଲେ, ବହୁଦୂର ପଶ୍ଚିମ ଦିଗରେ 'ପଶ୍ଚିମ-ଠାକୁର' ଅଛନ୍ତି । ତାଙ୍କୁ ପଚାରିଲେ ସେ ଏହି ପ୍ରଶ୍ନ ଦୁଇଟିର ଠିକ୍ ଉତ୍ତର ଦେବେ ।

ଗୁଓ ଦିନେ ସ୍ଥିର କଲା; ଯେତେ କଷ୍ଟ ପଡ଼ୁ ପଛକେ ସେ ପଶ୍ଚିମ-ଠାକୁରଙ୍କ ପାଖକୁ ଯିବ । ତା'ପରେ ତା'ର ବୁଢ଼ୀମା' ପାଇଁ ଚାରି ପାଞ୍ଚ ମାସ ଚଳିବା ପାଇଁ ଚାଉଳ, ତେଲ, ଲୁଣ, କାଠ ଆଦି ନିହାତି ଦରକାରୀ ଜିନିଷପତ୍ର ସଂଗ୍ରହ କରି ଘରେ ରଖିଲା । ସେ ତା' ମାଆକୁ

Digitized by srujanika@gmail.com

କହିଲା, "ଗଛବାଡ଼ି ଖାଇପିଇ ରହିବୁ । ଦୁଃଖ କରିବୁନି । ମୋ କଥା ଭାବି ବ୍ୟସ୍ତ ହେବୁନି । ମୁଁ କିଛିଦିନ ପରେ ଫେରି ଆସିବି ।"

ତା'ପରେ ଚୁଓ ଠାକୁରଙ୍କ ପାଖକୁ ଚାଲିଲା ।

ପଶ୍ଚିମ-ଠାକୁର କାହିଁ କେତେ ଦୂରେ ଅଛନ୍ତି । କେହି କେବେବି-ହେଲେ ତାଙ୍କ ପାଖକୁ ଯାଇପାରି ନାହାନ୍ତି । ଖାଲି ଲୋକମୁଖରେ ଶୁଣାକଥା । ସେ ଯାହାହେଉ, ପଶ୍ଚିମ ଦିଗଆଡ଼େ ଏକ ଲକ୍ଷ୍ୟରେ ଚାଲିଥାଏ ଚୁଓ । ଏମିତି ଚାଲିଚାଲି ସାତ ଦିନ କଟିଗଲା । ଅଷ୍ଟମ ଦିନ ବାଟରେ ଯାଉଁ ଯାଉଁ ତାକୁ ଶୋଷ ଲାଗିଲା । ସେ ଏକ କୁଡ଼ିଆ ଦୁଆରରେ ଡାକିଲା । ଜଣେ ବୁଢ଼ୀ କୁଡ଼ିଆରୁ ବାହାରି ଆସିଲା । ସେ ପାଣି ମୁନ୍ଦେ ପିଇବାକୁ ମାଗିଲା; କିନ୍ତୁ ବୁଢ଼ୀଟି ଚୁଓକୁ ଘର ଭିତରକୁ ଡାକିଲା । ସେ ବୁଢ଼ୀ ସଙ୍ଗରେ ତା' କୁଡ଼ିଆ ଭିତରକୁ ଗଲା । ଦୟାବତୀ ବୁଢ଼ୀ ଚୁଓକୁ ଖାଇବାକୁ ଓ ପିଇବାକୁ ଦେଲା । ତା'ପରେ ବୁଢ଼ୀ ପଚାରିଲା, 'ପୁଅ, କୁଆଡ଼େ ଏତେ ବ୍ୟସ୍ତ ହୋଇ ଯାଉଛ ? ତୁମେ ବହୁତ ବାଟ ଚାଲି ଚାଲି ଆସିଲା ପରି ଜଣାପଡ଼ୁଛି ।'

ଚୁଓ କହିଲା, ମୁଁ ପଶ୍ଚିମ-ଠାକୁରଙ୍କ ପାଖକୁ ଯାଉଛି । ତାଙ୍କୁ ମୋର ଦୁଇଟି ପ୍ରଶ୍ନ ପଚାରିବାର ଅଛି । ପ୍ରଥମ ପ୍ରଶ୍ନ ହେଉଛି, ଅଲିଭ ହ୍ରଦର ପାଣି କାହିଁକି ଚଞ୍ଚଳ ? ଦ୍ୱିତୀୟ ପ୍ରଶ୍ନ, ହାଡ଼ଭଙ୍ଗା ଖଟଣି ଖଟିଲେ ବି ମୁଁ କାହିଁକି ଦରିଦ୍ର ?

ବୁଢ଼ୀ ଏହା ଶୁଣି ବ୍ୟସ୍ତ ହୋଇ କହିଲା, 'ପୁଅ, ମୋ ପାଇଁ ଗୋଟିଏ ପ୍ରଶ୍ନ ପଚାରିବ । ମୋର ଗୋଟିଏ ବୋଲି ଝିଅ । ତାକୁ ସତର ବର୍ଷ । ସେ ଅତି ସୁନ୍ଦର ଓ ଚାଲାକ୍; କିନ୍ତୁ ସେ କଥା କହିପାରୁନି କାହିଁକି ? ତୁମେ ଦୟାକରି ମୋ ପାଇଁ ପଶ୍ଚିମ-ଠାକୁରଙ୍କୁ ଏ ପ୍ରଶ୍ନଟି ପଚାରିବ । ଭୁଲିଯିବ ନାହିଁ ।' ଚୁଓ କହିଲା, "ମାଉସୀ, ତୁମ ପ୍ରଶ୍ନ ନିଶ୍ଚୟ ପଚାରିବ ।"

ଚୁଓ ବୁଢ଼ୀ କୁଡ଼ିଆରେ ରାତିରେ ରହିଲା । ତା' ପରଦିନ ସେ ନିଜର ଲକ୍ଷ୍ୟପଥରେ ପୁଣି ଆଗେଇଲା । ଆହୁରି ସାତ ସପ୍ତାହ କାଳ

Digitized by srujanika@gmail.com

ଚାଲିଲା । ଏତେଦିନ ଚାଲିବା ପରେ ସେ ଥକି ପଡ଼ିଲା । ସେତେବେଳକୁ ସଞ୍ଜ ହୋଇ ଆସୁଥାଏ । ରାତିରେ ତ କେଉଁଠି ଆଶ୍ରୟ ନେବା କଥା ! ତେଣୁ ସେ ଜଣେ ଲୋକର ଘରଦ୍ୱାରରେ ଠକ୍ ଠକ୍ ଶବ୍ଦ କଲା । ଜଣେ ବୁଢ଼ା କବାଟ ଫିଟାଇ ବାହାରକୁ ଆସିଲା । ସେ ଯୁବକଠାରୁ ସବୁକଥା ଶୁଣିଲା । ତା'ପରେ, ବୁଢ଼ା ନିଜ ଘରେ ଯୁବକକୁ ଅତିଥି ରୂପେ ରାତିକ ରହିବାକୁ ଜାଗା ଦେଲା । ବୁଢ଼ା ପଚାରିଲା, 'ପୁଅ, ପଶ୍ଚିମ ଦିଗରେ ଥିବା ପଶ୍ଚିମ-ଠାକୁରଙ୍କ ପାଖକୁ ଯାଉଛ ବୋଲି କହୁଛ । ଯିବାର କାରଣ କ'ଣ ?' ପଶ୍ଚିମ-ଠାକୁରଙ୍କୁ ତା'ର ଯେଉଁ ଦୁଇଟି ପ୍ରଶ୍ନ ପଚାରିବା କଥା ସେହି ପ୍ରଶ୍ନ ଦୁଇଟି ଯୁବକ ବୁଢ଼ାକୁ କହିଲା । ତା'ପରେ ବୁଢ଼ା ହସି ହସି କହିଲା, "ଭାଗ୍ୟର କଥା । ସତେ ଯଦି ପଶ୍ଚିମ-ଠାକୁରଙ୍କୁ ଦେଖା କରିପାର, ବଡ଼ ଭାଗ୍ୟର କଥା । ମୋର ମଧ୍ୟ ଏକ ପ୍ରଶ୍ନ ଅଛି । ମୋ ବଗିଚାରେ ଗୋଟିଏ କମଳା ଗଛ ଅଛି । ଏଥିରେ ବଡ଼ ବଡ଼ ପତ୍ର, କିନ୍ତୁ ଏ ଗଛଟିରେ କେବେ ଫୁଲ ଫୁଟିନି କିମ୍ବା ଫଳ ଧରୁନି । ପୁଅ, ମୋ ପାଇଁ ଏ ପ୍ରଶ୍ନଟି ପଶ୍ଚିମ-ଠାକୁରଙ୍କୁ ପଚାରିବ ।"

'ନିଶ୍ଚୟ, ନିଶ୍ଚୟ, ତୁମର ଏ ପ୍ରଶ୍ନ ପଚାରିବି ।' ଯୁବକ ଉତ୍ତର ଦେଲା । ରାତିକ ବୁଢ଼ା ଘରେ ଆରାମରେ ରହି ତା' ପରଦିନ ସକାଳୁ ଯୁବକ ନିଜର ଯାତ୍ରାପଥରେ ଆଗେଇ ଚାଲିଲା ।

ବହୁତ ବାଟ ଚାଲି ଚାଲି ଗଲା ପରେ ବାଟରେ ଏକ ବଡ଼ ନଈ ପଡ଼ିଲା । ନଈ ପାରହୋଇ ଯିବାକୁ ଡଙ୍ଗା ନାହିଁ । କିମିତି ନଈ ପାରି ହେବ ? ହଠାତ୍ ଖୁବ୍ ଜୋର୍‌ରେ ଦମକାଏ ପବନ ବହିଲା । ଆକାଶରେ କଳା ବଉଦ ଘୋଟି ହୋଇଗଲା । ନଈଟିର ପାଣିର ସୁଅ ଗର୍ଜନ କଲା । କିଛି ସମୟ ପରେ ଝଡ଼ ଥମିଗଲା । ଆକାଶରେ ଏକ ରଙ୍ଗିନ ବଉଦ ଉଠିଲା । ନଈରୁ ଏକ ଜଳ-ଅସୁର ବାହାରିଲା ।

ଜଳ-ଅସୁର କହିଲା, 'ଆରେ ଟୋକା, କୁଆଡ଼େ ଏତେ ଜୋର୍‌ରେ ଯାଉଛୁ ?'

"ମୁଁ ପଶ୍ଚିମ ଦିଗକୁ ପଶ୍ଚିମ-ଦେବତାଙ୍କୁ ମୋର ଦୁଇଟି ପ୍ରଶ୍ନ ପଚାରିବାକୁ ଯାଉଛି ।" ଜଳ-ଅସୁର କହିଲା, 'ତା'ହେଲେ ମୋର ମଧ୍ୟ

Digitized by srujanika@gmail.com

ଏକ ପ୍ରଶ୍ନ ଅଛି । ମୁଁ ମଣିଷ ବା ପଶୁପକ୍ଷୀ କାହାର କିଛି କ୍ଷତି କରେ ନାହିଁ । ହଜାର ବର୍ଷ ହେଲା ମୁଁ ସତ୍‌ପଥରେ ଚାଲି ଆସୁଛି । ମୁଁ ଧର୍ମରେ, ସତ୍ୟରେ ଅଛି । ତଥାପି କାହିଁକି ମୁଁ ସ୍ୱର୍ଗକୁ ଯାଇପାରୁନି ? ମୋର ଏହି ପ୍ରଶ୍ନଟି ତୁମେ ପଚାରିବ ।' "ତୁମେ ମତେ ଏ ନଈ ପାରି କରେଇ ଦିଅ" ଗୃଓ କହିଲା ।

ତା'ପରେ ଜଳ-ଅସୁର ଗୃଓକୁ ପିଠିରେ ବସାଇ ନଈ ପାରି କରେଇ ଦେଲା । ନଦୀ ପାରି ହୋଇ ଯୁବକ ଗୃଓ ବହୁତ ବାଟ ଚାଲିଲା । ପଶ୍ଚିମ ଦିଗ ଆଡ଼କୁ ବହୁ ବାଟ ଚାଲିଲା ପରେ ସେ ଏକ ପୁରୁଣା ସହରରେ ପହଞ୍ଚିଲା । ସେହି ପୁରୁଣା ସହରରେ ଏକ ବଡ଼ କୋଠାଘର ଥିଲା । ଯୁବକ ସେହି କୋଠାଘରର ଜଗୁଆଳକୁ ପଚାରିଲା— ପଶ୍ଚିମ-ଦେବତା କେଉଁଠି ରହନ୍ତି ? ତା'ପରେ ଜଗୁଆଳ ଗୃଓକୁ ଏକ ସୁନ୍ଦର କୋଠରୀକୁ ନେଇଗଲା । କୋଠରୀ ମଝିରେ ଜଣେ ତେଜସ୍ୱୀନ ବୁଢ଼ାଲୋକ ବସିଥିଲେ । ତାଙ୍କ ମୁଣ୍ଡ ବାଳଗୁଡ଼ିକ ତୁଷାପରି ଝଟକୁ ଥାଏ । ତାଙ୍କର ମୁଖମଣ୍ଡଳରୁ ଆଲୁଅ ବାହାରୁ ଥାଏ । ଗୃଓ ଭାବିଲା, ଏଇ ନିଶ୍ଚୟ 'ପଶ୍ଚିମ-ଦେବତା' । କିନ୍ତୁ ସେ କିଛି କହିବା ପୂର୍ବରୁ ବୃଦ୍ଧ ହସି ହସି କହିଲେ, "ଯୁବକ, ତୁମେ ଏଠାକୁ କାହିଁକି ଆସିଛ ?"

'ମୋର ପାଞ୍ଚଟି ପ୍ରଶ୍ନ ଆପଣଙ୍କୁ ପଚାରିବାକୁ ଅଛି ।' ଗୃଓ ଉତ୍ତର ଦେଲା ।

କିନ୍ତୁ ସେହି ବୃଦ୍ଧ କହିଲେ, ମୁଁ ତୁମର କେବଳ ତିନୋଟି ପ୍ରଶ୍ନର ଉତ୍ତର ଦେବି । ତା'ଠାରୁ ଅଧିକ ନୁହେଁ । ତୁମେ ଭାବି ସ୍ଥିର କର ତୁମର ପାଞ୍ଚଟି ପ୍ରଶ୍ନ ମଧ୍ୟରୁ କେଉଁ ତିନୋଟି ପ୍ରଶ୍ନ ତୁମପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଗୃଓ ବଡ଼ ଅଡୁଆରେ ପଡ଼ିଲା । ନିଜର ଦୁଇଟି ପ୍ରଶ୍ନର ଉତ୍ତର ତା'ର ନିହାତି ଦରକାର । ପୁଣି ବାଟରେ ବୁଢ଼ୀ, ବୁଢ଼ା ଓ ଜଳ-ଅସୁରଙ୍କୁ ସେ କଥାଦେଇ ଆସିଛି, ନିଶ୍ଚୟ ସେମାନଙ୍କ ପ୍ରଶ୍ନ ପଚାରିବ । ନିଜ ପ୍ରଶ୍ନ ନ ପଚାରିଲେ ଏତେ ପରିଶ୍ରମ କରି ଦୁଃଖକଷ୍ଟ ସହି ଏତେ ବାଟ

Digitized by srujanika@gmail.com

ଆସିଛୁ, ସବୁ ବୃଥା ହେବ । ଏଣେ ବାଟରେ ତିନିଜଣଙ୍କୁ କଥା ଦେଇ ଆସିଛୁ ସେମାନଙ୍କ ପ୍ରଶ୍ନ ପଚାରିବ । ସେମାନଙ୍କ ଉପକାର କରିବ । ନ ପଚାରିଲେ ସେ ମିଛୁଆ ହେବ । ବହୁତ ଭାବି ଭାବି ସେ ସ୍ଥିର କଲା, ପରର ଉପକାର କରିବା ଉଚିତ । ପରର ହିତ କଲେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି । ତେଣୁ ଚୁଓ ସ୍ଥିର କଲା ନିଜ ପ୍ରଶ୍ନ ଦୁଇଟି ନ ପଚାରି ତିନିଜଣଙ୍କ ଉପକାର ସକାଶେ ସେମାନଙ୍କର ସେହି ତିନୋଟି ପ୍ରଶ୍ନ ପଚାରିବ ।

ତା'ପରେ ପଶ୍ଚିମ-ଠାକୁରଙ୍କୁ ଚୁଓ ସେହି ତିନୋଟି ପ୍ରଶ୍ନ ପଚାରିଲା । ତାଙ୍କଠାରୁ ଯଥାର୍ଥ ଉତ୍ତର ପାଇଲା । ନିଜ ପ୍ରଶ୍ନ ଦୁଇଟି ପଚାରିପାରି ନ ଥିବାରୁ ସାଧାରଣତଃ ମନଦୁଃଖ ହେବା କଥା । କିନ୍ତୁ ଚୁଓ ପରର ଉପକାର କରିବ ବୋଲି ଆଗରୁ ମନ ସ୍ଥିର କରିଥିଲା । ତେଣୁ ତା'ର ମନରେ କୌଣସି ଦୁଃଖ ନାହିଁ କି ଶୋଚନା ନାହିଁ; ବରଂ ମନଖୁସିରେ ଓ ଖୁବ୍ ସନ୍ତୋଷରେ ଚୁଓ ସେହି ନଗରୀ ପରିତ୍ୟାଗ କଲା ।

ଫେରିବା ବାଟରେ ପ୍ରଥମେ ସେହି ବଡ଼ ନଦୀ ପଡ଼ିଲା । ଜଳ-ରାକ୍ଷସ ଆଗ୍ରହରେ ତା ବାଟକୁ ଚାହିଁ ବସିଥିଲା । ସେ ଚୁଓକୁ ଦେଖି ଖୁବ୍ ଖୁସି

Digitized by srujanika@gmail.com

ହୋଇଗଲା । ସେ ବୃଦ୍ଧକୁ ପଚାରିଲା, "ମୋର ପ୍ରଶ୍ନର କ'ଣ ଉତ୍ତର ମିଳିଲା ?"

ବୃଦ୍ଧ କହିଲା, "ପଶ୍ଚିମ-ଦେବତା କହିଲେ, ତୁମେ ସ୍ୱର୍ଗକୁ ଯିବା ପୂର୍ବରୁ ତୁମକୁ ଦୁଇଟି ଭଲକାମ କରିବାକୁ ପଡ଼ିବ ।"

—କ'ଣ ସେ କାମ ? ଶୀଘ୍ର କୁହ । ରାକ୍ଷସ ପଚାରିଲା । —ମୋତେ ନଦୀ ପାର କରାଇ ସେପଟକୁ ନେବା ଗୋଟିଏ କାମ ଏବଂ ତୁମ ମସ୍ତକରେ ଯେଉଁ ମୁକ୍ତା ରାତିରେ ଜକ୍‌ଜକ୍ କରି ଜଳୁଛି ତାକୁ କାଢ଼ି ପକାଇବା ଦ୍ୱିତୀୟ କାମ । ବୃଦ୍ଧ ଉତ୍ତର ଦେଲା ।

ଜଳ-ରାକ୍ଷସ ବୃଦ୍ଧକୁ ପିଠିରେ ବସାଇ ନଦୀ ପାର କରାଇ ନଦୀର ଆରପାରକୁ ନେଲା । ତା'ପରେ ନିଜ ମସ୍ତକରୁ ଏକ ଶିଙ୍ଗ ଭାଙ୍ଗି ତା ମଧ୍ୟରୁ ମୁକ୍ତା କାଢ଼ିଲା । ମୁକ୍ତାଟିକୁ ବୃଦ୍ଧ ହାତକୁ ଦେଲା । ସଙ୍ଗେ ସଙ୍ଗେ ସେ ସ୍ୱଦେହରେ ସ୍ୱର୍ଗକୁ ଉଠିଲା । ଉପରକୁ ଉଠିବା ଅବସ୍ଥାରେ ଜଳ-ରାକ୍ଷସ କହିଲା, ମୁଁ ଅଭିଶାପରୁ ମୁକ୍ତ ହେଲି । ଯୁବକ ତୁମକୁ ଅଶେଷ ଧନ୍ୟବାଦ । ଏବେ ସେ ମୁକ୍ତା ତୁମର ସମ୍ପତ୍ତି । ତୁମେ ସେ ମୁକ୍ତାଟି ନିଅ ।

ବୃଦ୍ଧ ସେ ଉଜ୍ଜ୍ୱଳ ମୁକ୍ତାଟି ନିଜ ପକେଟରେ ରଖିଲା । ତା'ପରେ ପୂର୍ବଦିଗକୁ ନିଜ ଘରମୁହାଁ ବାଟରେ ଚାଲିଲା । ବହୁତ ବାଟ ଯିବା ପରେ

Digitized by srujanika@gmail.com

ସେହି ବୁଢ଼ାଲୋକ ଘର ପଡ଼ିଲା । ବୁଢ଼ା ଗୃଓକୁ ଦେଖି ଖୁବ୍ ଖୁସି ହେଲା । ବୁଢ଼ା କହିଲା, ଯୁବକ, ତୁମେ ଯାହା ପ୍ରତିଜ୍ଞା କରିଥିଲ ତାହା ପାଳନ କଲ କି ?

ହଁ, ଗୃଓ କହିଲା । ତା'ପରେ ସେ କହିଲା, ପଶ୍ଚିମ-ଠାକୁର କହିଛନ୍ତି, ନଅ ଗରା ସୁନା ଓ ନଅ ଗରା ରୁପା ତୁମର ସେହି କମଳା ଗଛତଳେ ରହିଛି । ତେଣୁ କମଳା ଗଛରେ ଫୁଲ ଫୁଟୁନି କି ଫଳ ଧରୁନି ।

ଏହା ଶୁଣି ବୁଢ଼ାର ଆନନ୍ଦ ଦେଖେ କିଏ ?

ବୁଢ଼ା ତା' ପୁଅକୁ ଡାକିଲା । କମଳା ଗଛତଳ ଖୋଳିଲା । ଗୃଓ ମଧ୍ୟ ସାହାଯ୍ୟ କଲା । ସେମାନେ ବହୁତ ଗଭୀର ଗାତ ଖୋଳିଲେ; କିନ୍ତୁ ସୁନା କି ରୁପା କିଛି ପାଇଲେନି । ଗୃଓ କହିଲା, ଧୈର୍ଯ୍ୟ ଧର, ଆମକୁ ଆହୁରି ଖୋଳିବାକୁ ପଡ଼ିବ । ପଶ୍ଚିମ-ଦେବତାଙ୍କ କଥା କଦାପି ମିଥ୍ୟା ହୋଇପାରେନା ।

ସେମାନେ ଆହୁରି ଆହୁରି ଖୋଳିଲେ । ସତକୁ ସତ ମାଟିତଳୁ ନଅ ଗରା ସୁନାମୋହର ଓ ନଅ ଗରା ରୁପାମୋହର ମିଳିଲା । ବୁଢ଼ା ଅତି ଖୁସିହୋଇ ଗୃଓକୁ କୁଣ୍ଢାଇ ପକାଇଲା । ସାବାସ୍ ଯୁବକ ସାବାସ୍ । ବୁଢ଼ା ଗୃଓକୁ ପ୍ରଶଂସା କଲା । ଏତେ ସୁନା ରୁପା ପାଇ ବୁଢ଼ା ମହାଖୁସି । ବୁଢ଼ା ଗୃଓକୁ କିଛି ସୁନାରୁପା ମୋହର ଦେଲା । ନିଜ ଘରେ ଗୃଓକୁ ଅତିଥିରୂପେ ସାତଦିନ ରହିବାକୁ ଅନୁରୋଧ କଲା । କିନ୍ତୁ ଗୃଓ ମାତ୍ର ଦୁଇଦିନ ବୁଢ଼ାଘରେ ରହିବାକୁ ରାଜିହେଲା । ସେହି ଦୁଇଦିନ ପିଠା-ପଣା, ଖିରିପୁରି, ନ'ଅଣ ଛ'ଭଜା କରି ବୁଢ଼ା ଗୃଓକୁ ମଉଜ ମଜଲିସ୍‌ରେ ଖୁଆଇଲା । ଗଲାଦିନ କିଛି ସୁନାରୁପା ମୋହର ଦେଲା ।

ଗୃଓ ଜଳ-ରାକ୍ଷସ ଠାରୁ ପାଇଥିବା ମୁକ୍ତାଟି ଧରି ଓ ବୁଢ଼ାଠାରୁ ପାଇଥିବା ସୁନାରୁପା ମୋହରତକ ଧରି ବାଟ ଚାଲିଲା । ବହୁତ ବାଟ ଚାଲିଲା ପରେ ସେହି ବୁଢ଼ୀ କୁଡ଼ିଆ ପଡ଼ିଲା । ବୁଢ଼ୀ ଗୃଓକୁ ଦେଖି ଦୌଡ଼ି ଆସିଲା । ମୋ ପୁଅ, ମୋ ସୁନାପୁଅ ଫେରିଲାଣି ବୋଲି ବୁଢ଼ୀ

Digitized by srujanika@gmail.com

ଚନ୍ଦ୍ରଳ ପକାଇଦେଲା । ତା'ପରେ କହିଲା, ପୁଅ ମୋ ପ୍ରଶ୍ନର କ ଉତ୍ତର ପଶ୍ଚିମ-ଠାକୁର ଦେଲେ ?

ବୃଦ୍ଧ କହିଲା, ପଶ୍ଚିମ-ଦେବତା କହିଛନ୍ତି ତୁମ ଝିଅ ତା'ର ପସନ୍ଦ ମୁତାବକ ଯୁବକଟିଏ ଦେଖିଲେ କଥା କହିବ ।

ବୁଢ଼ୀ ବୃଦ୍ଧର କଥୋପକଥନ ସମୟରେ ଝିଅ ଆସିଲା । ଝିଅଟି ଖୁବ୍ ସୁନ୍ଦରୀ । ଗୋଲାପଫୁଲ ପରି ଝଟକୁ ଥାଏ । ସେ ତା'ର ମାଆ ସହିତ ସୁନ୍ଦର ଯୁବକଟିଏ କଥାବାର୍ତ୍ତା ହେଉଥିବା ଦେଖି ଖୁସିହୋଇ ହସିଲା । ତା'ପରେ ଧୀରେ ଧୀରେ କହିଲା, ମା' ଏ ଯୁବକ କିଏ ?

ବୁଢ଼ୀର ଖୁସି କହିଲେ ନ ସରେ । ସତେ କି ସରଗରୁ ତା' ହାତରେ ଚନ୍ଦ୍ର ଖସିପଡ଼ିଲା ! ସେ ଏତେ ଖୁସି ହେଲା ଯେ ତା' ଆଖିରୁ ଆନନ୍ଦାଶ୍ରୁ ଧାରି ଧାରି ବହିଲା । ସେ ଝିଅକୁ କୋଳରେ ଟାଣିଧରି ବହୁତ ଆନନ୍ଦିତ ହେଲା । ତା'ପରେ ଚ୍ୟୁଙ୍ଗକୁ ଆଶୀର୍ବାଦ କରି କହିଲା, ତୁମ ଯୋଗୁଁ ମୋ ଝିଅ କଥା କହିଲା । ପୁଅ, ତୁମର କୋଟି ପରମାୟୁ

Digitized by srujanika@gmail.com

ହେଉ । ପରମେଶ୍ୱର ତୁମର ମଙ୍ଗଳ କରନ୍ତୁ । ତା'ପରେ ନିଜ ଝିଅକୁ କହିଲା, ତୁ ଏହି ଯୁବକଙ୍କୁ ଦେଖି ପହିଲେ କଥା କହିଲୁ । ତେଣୁ ତୁ ଏହାଙ୍କୁ ବାହାହେବୁ । ତୁ ରାଜି ତ ?

ଝିଅ ମଉନ ରହି ତଳକୁ ଅନାଇ ହସିଲା । ଝିଅ ରାଜି ଜାଣି ବୁଢ଼ୀ ଗୁଣ୍ଡ ସହିତ ତାକୁ ବାହା କରିଦେଲା । ଗୁଣ୍ଡ ନିଜ ସ୍ତ୍ରୀ ସହିତ ପ୍ରାୟ ସାତଦିନ ଶାଶୁବୁଢ଼ୀ ଘରେ ରହିଲା । ତା'ପରେ ସେ ତା'ର ଶାଶୁବୁଢ଼ୀ ଠାରୁ ବିଦାୟ ନେଇ ନିଜ ସ୍ତ୍ରୀ ସହିତ ମୁକ୍ତାଟିଏ, ସୁନାରୁପା ମୋହର ଥଳିଧରି ନିଜ ଗ୍ରାମ ଅଭିମୁଖେ ଚାଲିଲା ।

ଗୁଣ୍ଡ ଯେତେବେଳେ ନିଜ ଘରେ ପହଞ୍ଚିଲା ସେତେବେଳକୁ ତା'ର ମା' ବୁଢ଼ୀ ତା ବାଟକୁ ଚାହିଁ ଚାହିଁ ଘୋର ମନଦୁଃଖରେ କାନ୍ଦି କାନ୍ଦି ଅନ୍ଧୁଣୀ ହୋଇ ଯାଇଥିଲା । ଗୁଣ୍ଡ ମା'କୁ ସବୁକଥା କହିଲା । ମା' ଖୁସିହୋଇ ପୁଅବୋହୂଙ୍କୁ ଆଶୀର୍ବାଦ କଲା । ବୁଢ଼ୀ ବୋହୂ ମୁଣ୍ଡରେ ଦେହରେ ହାତ ବୁଲାଇ ଖୁସି ହେଉଥାଏ । ଗୁଣ୍ଡର ମନଦୁଃଖ ତା'ର ମା' ବୁଢ଼ୀ ସୁନ୍ଦରୀ ବୋହୂକୁ ନିଜ ଆଖିରେ ଦେଖିପାରୁନି କିମ୍ବା ପୁଅ ଅରଜି ଆଣିଥିବା ଧନରତ୍ନ ଦେଖିପାରୁନି । ତା'ପରେ ଗୁଣ୍ଡ ମୁକ୍ତାଟି ଧରି ତା'ର ମା'କୁ କହିଲା, ହେଇ ଦେଖ ମା', ଏ ମୁକ୍ତାଟି କିପରି ଉଜ୍ଜ୍ୱଳ । ମୂଲ୍ୟବାନ୍ ମୁକ୍ତାଟିଏ । କିନ୍ତୁ ବୁଢ଼ୀ ଦେଖିପାରିଲାନି । ତା'ପରେ ଗୁଣ୍ଡ ସେହି ମୁକ୍ତାଟି ନିଜ ମା' ଆଖି ପାଖାରେ ଧରି କହିଲା —ମୋ ମାଆ ଏହି ମୁକ୍ତାକୁ ଦେଖିପାରନ୍ତା କି, କେତେ ଖୁସି ହୁଅନ୍ତା । ଏହା କହିବା ସଙ୍ଗେ ସଙ୍ଗେ ମା' ଆଖିକୁ ଦିଶିଲା । ସମସ୍ତେ ଖୁସି ହେଲେ । ତହୁଁ ଗୁଣ୍ଡ ଜାଣିଲା ଏହି ମୁକ୍ତାଟି କୁହୁକମୁକ୍ତା । ତା'ପରେ ଗୁଣ୍ଡ ଅଲଭ୍ ହ୍ରଦକୂଳକୁ ଧାଇଁଲା । ଅଲଭ୍ ହ୍ରଦ ଜଳ ଆଡ଼କୁ ମୁକ୍ତାଟି ଧରି ଗୁଣ୍ଡ କହିଲା, ଅଲଭ୍ ହ୍ରଦର ପାଣି ଏଣିକି ସ୍ଥିର ହୁଅ । ସତକୁସତ ସେହିଦିନଠାରୁ ଅଲଭ୍ ହ୍ରଦର ଜଳ ସ୍ଥିର ହେଲା । ଲୋକମାନେ ହ୍ରଦ ଜଳ ମଡ଼ାଇ ଗୃହବାସ କରିବାକୁ ସୁବିଧା ପାଇଲେ । ଗୁଣ୍ଡ ମଧ୍ୟ ଜମିବାଡ଼ି କିଣି ହ୍ରଦପାଣି ମଡ଼ାଇ ଗୃହବାସ କରି ସୁଖରେ ରହିଲା ।

Digitized by srujanika@gmail.com

ପରର ଉପକାର କରିଥିବାରୁ ଯୁବକ ଝିଓ ସୁନ୍ଦରୀ ସ୍ତ୍ରୀ, ଦୃଷ୍ଟିଶକ୍ତି ଫେରି ପାଇଥିବା ମା' ବୁଢ଼ୀ ସହିତ ଧନରତ୍ନ ପାଇ ସୁଖରେ ରହିଲା । ନିଜର ପ୍ରଶ୍ନ ଦୁଇଟି ପଶ୍ଚିମ-ଠାକୁରଙ୍କୁ ନ ପଚାରି ମଧ୍ୟ ନିଜର ପରୋପକାର ଗୁଣଯୋଗୁ ତାଙ୍କ କୃପାରୁ ଆପେ ଆପେ ସେହି କଠିନ ପ୍ରଶ୍ନ ଦୁଇଟିର ସହଜ ସମାଧାନ ହୋଇଗଲା । ଗୃହକାମ କରି ନିଜ ପରିବାର ସହିତ ଝିଓ ମହାସୁଖରେ କାଳ କାଟିଲା । ପରୋପକାରର ସୁଫଳ ପାଇଥିବାରୁ ଜୀବନରେ ଦୁଃଖୀ-ରଙ୍କିଙ୍କୁ ସାହାଯ୍ୟ କଲା । ପରୋପକାର ବ୍ରତ ଜୀବନସାରା ପାଳନ କରି ତା'ର ଜୀବନ ଧନ୍ୟ ହେଲା ।

Digitized by srujanika@gmail.com